● ଅଶାନ୍ତ ଆଠଗଡ଼ପାଟଣା

## ବାପ-ପୁଅଙ୍କୁ ମରଣାନ୍ତକ ଆକ୍ରମଣ



କବିସୂର୍ଯ୍ୟନଗର,୧୯।୬(ସମିସ): କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବସ୍‌ଷ୍ଟାଣ୍ଡଠାରେ ଦିନ ଦ୍ୱିପ୍ରହରରେ ବାପ-ପୁଅକୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଗଣେଶ ସାହୁ (୬୦) ଗୁରୁତର ହୋଇଥିବା ବେଳେ ତାଙ୍କ ପୁଅ ସାଗର ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରମଣ କରିଥିବା ଜଣାପଡିଛି। ଗୁରୁବାର ଅପରାହ୍ନରେ କବିସୂର୍ଯ୍ୟନଗର ଆଠଗପାଟଣା ଗଣେଶ କବିସୂର୍ଯ୍ୟନଗରରୁ ସ୍କୁଟି ଯୋଗେ ନିଜ ଗ୍ରାମକୁ ଯାଉଥିଲେ। ଆଠଗଡ଼ପାଟଣା ମେଡିକାଲ ନିକଟ ଛକଠାରେ ପୂର୍ବରୁ ଲୁଚି ରହିଥିବା କିଛି ଦୁର୍ବୃତ୍ତ ଗଣେଶଙ୍କୁ ଅଟକାଇ ସ୍କୁଟିକୁ ଗୋଇଠା ମାରିଥିଲେ। ସେ ପଡିଯିବା ପରେ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୁଅ ସାଗର ଦୌଡ଼ି ଆସି ବଞ୍ଚାଇବାକୁ ଚେଷ୍ଟା କରିବାରୁ ତାକୁ ମଧ୍ୟ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପ-ପୁଅଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଗଣେଶଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ତେବେ ଭାଇ ଜଗା ସାହୁ ଏଥିରେ ସମ୍ପୃକ୍ତ କିଛି ବ୍ୟକ୍ତିଙ୍କୁ ଚିହ୍ନିଥିବା କହିଛନ୍ତି। ଗତ ମାର୍ଚ୍ଚ ୩୧ରେ ଆଠଗଡ଼ପାଟଣାରେ ବରିଷ୍ଠ ବିଜେପି ନେତା ଲକ୍ଷ୍ମୀନାରାୟଣ ପାଇକରାୟ ଓରଫ କୁନା ପାଇକରାୟଙ୍କୁ ଗୁଳିକରି ହତ୍ୟା ଘଟଣାରେ ୬ରୁ ଅଧିକ ଜଣଙ୍କୁ କୋର୍ଟଚାଲାଣ କରିଛି ପୁଲିସ। ପ୍ରତିପକ୍ଷ ଦଳ ପକ୍ଷରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ତେବେ ଦିନ ଦ୍ୱିପହରରେ ଏଭଳି ହତ୍ୟା ଉଦ୍ୟମ ପୁଲିସ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପିତ୍ତଳ ସରପଞ୍ଚ, ବିଜେପି ମଣ୍ଡଳ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

ଶେରଗଡ଼,୧୯।୬(ସମିସ): ଆଜି ସନ୍ଧ୍ୟାରେ ପିତ୍ତଳ ସରପଞ୍ଚ ଓ ପିତ୍ତଳ ବିଜେପି ମଣ୍ଡଳ ସଭାପତିଙ୍କ ମଧ୍ୟରେ କୌଣସି ଏକ ବିଷୟକୁ ନେଇ ଆଲୋଚନା ଚାଲିଥିବା ବେଳେ ୭ରୁ ୮ ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଜଣାପଡ଼ିଛି। ଘଟଣା କ୍ରମେ, ପିତ୍ତଳ ସରପଞ୍ଚ ରାମ ରାଘବ ପାତ୍ର ଓ ପିତ୍ତଳ ମଣ୍ଡଳ ବିଜେପି ସଭାପତି ବିଜୟ କୁମାର ପ୍ରଧାନ ଉଭୟେ ପିତ୍ତଳ ପଞ୍ଚାୟତ ସନ୍ତୋଷପୁରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ସନ୍ଧ୍ୟାରେ କୌଣସି ଏକ ବିଷୟକୁ ନେଇ ଆଲୋଚନା କରୁଥିଲେ। ଏହି ସମୟରେ ୭ ରୁ ୮ ଜଣ ଦୁର୍ବୃତ୍ତ ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ପହଞ୍ଚି ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ଅତର୍କିତ ହକି ଷ୍ଟିକ ଓ ଲୁହାରଡ଼ରେ ଆକ୍ରମଣ କରିଥିଲେ। ଉଭୟ ଗୁରୁତର ଅବସ୍ଥାରେ ପଡ଼ିଯିବା ପରେ ସେମାନେ ଛାଡ଼ି ପଳାଇଥିଲେ। ଖବର ପାଇ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ହିଞ୍ଜିଳି ସବ୍‌ଡିଭିଜନ ହସ୍‌ପିଟାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛି ଏବଂ ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି।

## ଘର ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୯।୬(ସମିସ): ଗେଟବଜାର ନଟବର ନଗରର ଜଣେ ବ୍ୟକ୍ତିଙ୍କ ଘର ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଯାଇଛି। ତେବେ ଘରକୁ କୁଣିଆ ଆସିଥିବା ଜଣେ ମହିଳା ହିଁ ଏହି ଅଳଙ୍କାର ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ନଟବର ନଗରରେ ରହୁଥିବା ଭାବିନୀପୁରର ସୀମାଞ୍ଚଳ ପାଢୀ ସରକାରୀ ଚାକିରି କରୁଥିବାରୁ ବାଲିଗୁଡାରେ ରହୁଥିଲେ। କିଛି ଦିନ ତଳେ ତାଙ୍କ ଘରକୁ ଏକାଧିକ କୁଣିଆ ଆସିଥିଲେ। ତେବେ ସୀମାଞ୍ଚଳଙ୍କ ସ୍ତ୍ରୀ ଓ ତାଙ୍କର ଜଣେ ସମ୍ପର୍କୀୟ ବାଲିଗୁଡା ଚାଲି ଯାଇଥିବା ବେଳେ ଅନ୍ୟ କୁଣିଆ ଘରେ ରହିଥିଲେ। ଏହାର ସୁଯୋଗ ନେଇ ସେହି କୁଣିଆ ଘରର ଆଲମିରା ଚାବି ଖୋଲି ତା> ଭିତରୁ ୨ଟି ସୁନା ଚେନ ଓ ୨ ଟି ସୁନା ହାର ଚୋରି କରି ନେଇ ଯାଇଥିବା ସୀମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି।

## ଠକେଇ କରି ପ୍ଲଟ୍ ବିକ୍ରି; ଥାନାରେ ଅଭିଯୋଗ

ବ୍ରହ୍ମପୁର,୧୯।୬(ସମିସ): ସ୍ଥାନୀୟ ଶରଧାବାଲିଠାରେ ଥିବା ଏକ ଦାମୀ ପ୍ଲଟକୁ ଠକେଇ କରି ବିକ୍ରି କରିଦେବାକୁ ଉଦ୍ୟମ ହୋଇଛି। ଏନେଇ ପ୍ଲଟର ମାଲିକ ଦେବୀପ୍ରସାଦ ସାହୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ପ୍ରକାରେ, ଗାନ୍ଧୀନଗର ୬ମ ଲାଇନ ନିବାସୀ ଦେବୀପ୍ରସାଦ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଆମ୍ବପୁଆ ମୌଜାର ଶରଧାବାଲି ଅଞ୍ଚଳରେ ଏକ ଦାମୀ ପ୍ଲଟ ରହିଛି। କିଛିଦିନ ପୂର୍ବେ ଜଣେ ଦଲାଲ ଦେବୀପ୍ରସାଦଙ୍କ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ଉକ୍ତ ପ୍ଲଟକୁ ଅନ୍ୟ ଜଣେ ଲୋକଙ୍କୁ ବିକ୍ରି ପାଇଁ କଥାବାର୍ତ୍ତା ହୋଇଥିଲେ। ଏଥିପାଇଁ ପ୍ଲଟ କିଣିବାକୁ ଆଗ୍ରହୀ ଥିବା ଲୋକଙ୍କ ଠାରୁ ଦଲାଲ ଜଣକ ଅଗ୍ରୀମ ବାବଦକୁ ୨୦ଲକ୍ଷ ଟଙ୍କା ମାଗିଥିଲେ। ଦଲାଲ ଜଣକ ସେହି ପ୍ଲଟର ନକଲି କାଗଜପତ୍ର ମଧ୍ୟ ହାସଲ କରି ବିକ୍ରି କରିବାକୁ ଉଦ୍ୟମ କରିଥିଲେ। ତେବେ ଦେବୀପ୍ରସାଦଙ୍କ ସମ୍ପର୍କୀୟ ଜଣକ ପ୍ଲଟ ବିକ୍ରି ବିଷୟରେ ଦେବୀପ୍ରସାଦଙ୍କୁ ପଚାରିବା ପରେ ଘଟଣା ପ୍ରଘଟ ହୋଇଥିଲା। ଏହାପରେ ଦେବୀପ୍ରସାଦ ନିଜ ଘର ଲୋକଙ୍କୁ ଜଣାଇବା ପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ।

ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା

# ଅଭିଯୁକ୍ତଙ୍କ ଟିଆଇ ପରେଡ୍ ପାଇଁ କୋର୍ଟରେ ପୁଲିସର ଆବେଦନ

■ ବଳାତ୍କାରୀଙ୍କୁ ଚିହ୍ନଟ କରିବାରେ ସହାୟକ ହେବ ଡିଏନ୍‌ଏ ରିପୋର୍ଟ: ଏଫଏମ୍‌ଟି ମୁଖ୍ୟ

■ ଗୋପାଳପୁର ଥାନାରେ ୩ୟ ଦିନରେ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ

ବ୍ରହ୍ମପୁର,୧୯।୬(ସମିସ): ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ୩ୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ କ୍ରାଇମବ୍ରାଞ୍ଚର ଜଣେ ଅତିରିକ୍ତ ଏସ୍‌ପିଙ୍କ ସମେତ ୯ ଜଣିଆ ଟିମ ଗୋପାଳପୁର ଥାନାରେ ପହଞ୍ଚି ଘଟଣାର ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ବିଭିନ୍ନ କାଗଜପତ୍ର ସଂଗ୍ରହ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ କିଛି ସ୍ଥାନୀୟ ସାକ୍ଷୀ ଏବଂ ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ଜେରା କରାଯାଇଥିବା ଜଣାପଡିଛି। ଗୁରୁବାର କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଟି.ଆଇ ପରେଡ କରିବାକୁ କୋର୍ଟରେ ଆବେଦନ କରିଥିବା ବେଳେ ଏଥିପାଇଁ ଅନୁମତି ମିଳିଥିବା ସୂଚନା ମିଳିଛି। ପୂର୍ବରୁ ଗୋଟିଏ ମୋବାଇଲ ଜବତ ହୋଇଥିବା ବେଳେ ଗୁରୁବାର ଆଉଏକ ମୋବାଇଲକୁ ଜବତ କରାଯାଇଛି। ଘଟଣା ରାତିରେ ହିଁ ଅର୍ଥାତ୍ ଗତ ରବିବାର ଗଣଦୁଷ୍କର୍ମ ସମ୍ପର୍କିତ ଅଭିଯୋଗ ଗୋପାଳପୁର ଥାନାରେ ହେବା ପରେ ପୀଡ଼ିତାଙ୍କର ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲର ଫରେନ୍‌ସିକ୍ ମେଡ଼ିସିନ୍ ଟେକ୍ସିକୋଲୋଜି ତଥା ଏଫଏମ୍‌ଟି ବିଭାଗରେ ଡାକ୍ତରୀ ମାଇନା ସହ ନମୂନା ସଂଗ୍ରହ କରାଯାଇଥିଲା। ପରେ ଗତ ମଙ୍ଗଳବାର ଦିନ ସମସ୍ତ ୧୦ଜଣ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ସହ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା। ପୀଡ଼ିତାଙ୍କ ନଖ ଠାରୁ ଆରମ୍ଭ କରି ରକ୍ତ ନମୂନା ସହ ପ୍ରାଇଭେଟ୍ ପାର୍ଟରୁ ମଧ୍ୟ କିଛି ନମୂନା ସଂଗ୍ରହ କରାଯାଇ ଭୁବନେଶ୍ୱରର ଏସଏଫ୍‌ଏସଏଲକୁ ପଠାଯାଇଛି। ସଂଗୃହୀତ ବିଭିନ୍ନ ନମୂନା ଭୁବନେଶ୍ୱରର ଏସଏଫଏସଏଲକୁ ଡ଼ିଏନଏ ଟେଷ୍ଟିଂ ପାଇଁ ପଠାଯାଇଥିବା କହିଛନ୍ତି ଏଫଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସ। ତେବେ ନମୂନା ସଂଗ୍ରହ ତଥା ବୟାନ ରେକର୍ଡ ସମୟରେ କଣ୍ଡୋମ୍ ବ୍ୟବହାର କରି ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ସ୍ପଷ୍ଟ ହୋଇଛି। ଘଟଣାରେ ବ୍ୟବହୃତ କଣ୍ଡୋମକୁ ମଧ୍ୟ ପୁଲିସ ଜବତ କରିଛି। ଯାହା ଦୁଷ୍କର୍ମକାରୀଙ୍କୁ ଚିହ୍ନଟ କରିବାରେ ବେଶ ସହାୟକ ହେବ ବୋଲି କହିଛନ୍ତି ଏଫ୍‌ଏମ୍‌ଟି ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସ। ସେପଟେ କାଳ ବିଳମ୍ବ ନକରି ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଆବଶ୍ୟକ ସମସ୍ତ ନମୂନା ସଂଗ୍ରହ କରାଯାଇ ଡିଏନ୍‌ଏ ଟେଷ୍ଟିଂ ପାଇଁ ପଠାଯାଇଛି। ରିପୋର୍ଟ ଆସିବାକୁ ସାଧାରଣତଃ ୭୨ରୁ ୯୬ଘଣ୍ଟା ସମୟ ଲାଗୁଥିବା ବେଳେ ସୋମବାର ସୁଦ୍ଧା ରିପୋର୍ଟ ମିଳିବାର ଆଶା କରାଯାଉଛି। ତେବେ ରିପୋର୍ଟ ତଦନ୍ତକାରୀ ଅଧିକାରୀଙ୍କୁ ମିଳିବ ଓ ସେ କୋର୍ଟରେ ତାହା ଦାଖଲ କରିବାର ନିୟମ ରହିଛି। ତେବେ ଏହି ଗଣଦୁଷ୍କର୍ମ ଘଟଣାରେ ଏକାଧିକ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ଖୋଦ୍ ପୀଡ଼ିତା ସ୍ୱୀକାର କରିଥିବା ବେଳେ ଡାକ୍ତରୀ ମାଇନାରେ ମଧ୍ୟ ତାହା ସ୍ପଷ୍ଟ ହୋଇଛି।

## ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,୧୯।୬(ସମିସ)

ଚଳିତ ମାସ ୨୧ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ମହାନ ସଂଘର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସହରର ବିବେକାନନ୍ଦ କେନ୍ଦ୍ର ଓ ମହାନ ସଂଘ, ଡ଼କ୍ଟର ଫୋରମ, ଅର୍ଜୁନ ହସ କ୍ଲବ, ମାରୁତି ୱାକିଂ କ୍ଲବ, ନୀଳକଣ୍ଠ ଯୋଗ ଓ ୱେଲଫର କ୍ଲବ, ବୀର ସୁରେନ୍ଦ୍ର ସାଏ ପ୍ରଭାତ ଶାଖା, ଆରୋଗ୍ୟ ଭାରତୀ, ଲାଞ୍ଜିପଲି ସିନିୟର ସିଟିଜନ ଲଫିଂ ଏଣ୍ଡ ଯୋଗ କ୍ଲବ, ହରି ଓଁ ଲଫିଂ ଏଣ୍ଡ ଯୋଗା କ୍ଲବ, ସାମାନ୍ତରା ଏକାଡେମୀ, ସତ୍ୟରଂଜନ ଫାଉଣ୍ଡସେନ, ଫିଜିକାଲ ଏକାଡେମୀ, ଖାଦ୍ୟ ବ୍ୟବସାୟୀ ସଂଘ, ବଡ଼ବଜାର, କଳିଙ୍ଗ ବିଦ୍ୟା ମନ୍ଦିର, ଓମ କାର ଯୋଗ ଶିକ୍ଷା କେନ୍ଦ୍ର, ମର୍ଣ୍ଣିଂ ୱାକ ଆଣ୍ଡ ଟାକ କ୍ଲବ ସମେତ ବ୍ରହ୍ମପୁର ସହରର ବହୁ ଅଗ୍ରଣୀ ଅନୁଷ୍ଠାନ ଯୋଗ ଦେଇଥିଲେ।

ସହରର ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ ପରିସରରେ ସକାଳ ୬.୩୦ରୁ ୭.୪୫ମିନଟ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଏକ ହଜାରରୁ ଅଧିକ ସଦସ୍ୟ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଛାତ୍ରଛାତ୍ରୀଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ପ୍ରସ୍ତୁତି କମିଟି ଉପଦେଷ୍ଟା ସମାଜସେବୀ ସୁଶାନ୍ତ କୁମାର ସାବତ, ସହ ସଂଯୋଜକ ଶଙ୍କର ମାଝୀ, କେନ୍ଦ୍ର ସଞ୍ଚାଳିକା ନିରାକ୍ଷୀ ଦିଦି, ନଗର ପ୍ରମୁଖ କେଦାର ନାଥ ପଣ୍ଡା, ନଗର ସଞ୍ଚାଳକ ତପନ ଦାଶ, ଶଙ୍କର ନାରୟଣ ସୁବୁଦ୍ଧି, ଦ୍ୱାରିକା ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରକାଶ ଚନ୍ଦ୍ର ପାତ୍ର, ଅକ୍ଷୟ ପାଢ଼ୀ, ସୁରେଶ ଜେନା, ପ୍ରଫୁଲ୍ଲ ପାତ୍ର, ଡ. ସଚ୍ଚିଦାନନ୍ଦ ପାତ୍ର, କ୍ରିଷ୍ଣା କୁମାର ସାହୁଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଓ ଯୋଗ ପ୍ରେମୀ ଉପସ୍ଥିତ ଥିଲେ।

■ ସରିଲା ଖରା ଛୁଟି; ଆଜି ଖୋଲିବ ବିଦ୍ୟାଳୟ

## ସ୍ୱଚ୍ଛତା ଓ ପାନୀୟଜଳକୁ ଗୁରୁତ୍ୱ; ହଇଜା ପ୍ରତି ସତର୍କ

ବ୍ରହ୍ମପୁର,୧୯।୬(ସମିସ): ଦୀର୍ଘ ଦୁଇମାସ ଖରା ଛୁଟି ପରେ ଶୁକ୍ରବାର ପୁନଃ ବିଦ୍ୟାଳୟ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବ୍ରହ୍ମପୁର ସହର ସମେତ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ପ୍ରସ୍ତୁତି ଶେଷ ହୋଇଛି। ବିଦ୍ୟାଳୟ ଖୋଲିବା ପୂର୍ବରୁ ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ ପାନୀୟଜଳ ଉପରେ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ ଖୋଲିବାର ଦିନକ ପୂର୍ବରୁ ଅର୍ଥାତ ୧୯ତାରିଖରେ ଶିକ୍ଷକ, କର୍ମଚାରୀ, ପାଚିକା ଏବଂ ସହାୟିକାଙ୍କୁ କାର୍ଯ୍ୟରେ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ କରିଛନ୍ତି। ଗତ ଏପ୍ରିଲ ମାସ ୨୩ତାରିଖଠାରୁ ବିଦ୍ୟାଳୟ ଛୁଟି ହୋଇଥିବା ବେଳେ ଚଳିତମାସ ୧୯ତାରିଖରେ ଖରା ଛୁଟି ଶେଷ ହୋଇଛି। ବିଦ୍ୟାଳୟ ଖୋଲିବା ଦିନ ଠାରୁ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏନେଇ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ରହିଥିଲା। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଏବଂ କ୍ୟାମ୍ପସକୁ ପରିଷ୍କାର କରିବାକୁ କୁହାଯାଇଥିଲା। ଏହାସହ ଓଭର ହେଡ୍ ଟ୍ୟାଙ୍କ ସଫେଇ ସୁନିଶ୍ଚିତ କରିବା ସହ ଅସବାସପତ୍ରକୁ ସଫା କରିବା, ପରିସ୍ରାଗାର ଓ ଶୌଚାଳୟ ପରିଷ୍କାର କରି ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା। ଏହା ସହ ମଧ୍ୟାହ୍ନ ଭୋଜନରେ ନିରାପଦ ବ୍ୟବହାର ପାଇଁ କିଚେନ, ବାସନ, ଗ୍ୟାସ ଷ୍ଟୋଭ୍ ଆଦି ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟର ବହୁ ଜିଲ୍ଲାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କିଛି ଜିଲ୍ଲାରେ ମଧ୍ୟ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ବିଦ୍ୟାଳୟ ଖୋଲିବା ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କରୋନା ସଂକ୍ରମଣ ନେଇ ସତର୍କ କରାଯିବ। ଥଣ୍ଡା ଭଳି ଲକ୍ଷଣ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ମାସ୍କ ପିନ୍ଧିବେ। ଅଧିକ ସ୍ୱାସ୍ଥ୍ୟ ଖରାପ ହେଲେ ଛାତ୍ରଛାତ୍ରୀ ଘରେ ରହିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ସୂଚନା ଦିଆଯାଇଛି।

## ଆଇଏସ୍‌ଆଇ ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର,୧୯।୬(ସମିସ): ଗତ ୧୭ତାରିଖ ଦିନ ପ୍ରକାଶିତ ଇଣ୍ଡିଆନ ଷ୍ଟାଟଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଛାତ୍ରୀ ସ୍ନେହମୟୀ ସାହୁ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନରେ ରହି ବ୍ରହ୍ମପୁର ତଥା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ଅରବିନ୍ଦ ନଗର ସ୍ଥିତ ସୁଧାଂଶୁ



ଶେଖର ସାହୁ ଓ ଛବିତା ସାହୁଙ୍କ ସୁକନ୍ୟା ସ୍ନେହମୟୀ ଖଲ୍ଲିକୋଟ କଲେଜରେ ଯୁକ୍ତଦୁଇ ବିଜ୍ଞାନର ଛାତ୍ରୀ ଥିଲେ। ଆର୍ଯ୍ୟଭଟ୍ଟ ଅନୁଷ୍ଠାନରେ ଆଇଆଇଟି ସହ ଆଇଏସ୍‌ଆଇ ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରବେଶିକା ପାଇଁ ଗଣିତରେ ବିଶେଷ ପାରଦର୍ଶିତା ଆବଶ୍ୟକ ହୁଏ। ଆର୍ଯ୍ୟଭଟ୍ଟ ସ୍ନେହମୟୀଙ୍କର ଗଣିତ ପ୍ରତି ବିଶେଷ ଅଭିରୁଚି ଦେଖି ତାଙ୍କୁ ସେଥିପ୍ରତି ପ୍ରୋତ୍ସାହିତ କରିବା ସହ ଆବଶ୍ୟକୀୟ ଶୈକ୍ଷିକ ଉପାଦାନ ଯୋଗାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିବାରୁ ସ୍ନେହମୟୀଙ୍କ ବାପା ଆର୍ଯ୍ୟଭଟ୍ଟ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ମୂଳମନ୍ତ୍ର «ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍» କୁ ଯଥାର୍ଥ ପ୍ରତିପାଦିତ କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଆର୍ଯ୍ୟଭଟ୍ଟରେ ପିଲାଙ୍କୁ କେବଳ ଇଂଜିନିୟରିଂ ଓ ମେଡିକାଲ କୋଚିଂ ଦିଆନଯାଇ ପିଲାଙ୍କ ଅଭିରୁଚି ପ୍ରତି ବିଶେଷ ଧ୍ୟାନ ଦିଆଯାଇ ସେଥିପ୍ରତି ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ଆବଶ୍ୟକୀୟ ଶୈକ୍ଷିକ ସହାୟତା ଦିଆଯାଇଥାଏ। ଭାରତର ଷ୍ଟାଟିଷ୍ଟିକ୍ସ୍‌ର ଜନକ ତଥା ପ୍ରଥମ ଯୋଜନା କମିସନ ସଦସ୍ୟ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କ ଦ୍ୱାରା ୧୯୩୧ରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍ ମୂଳତଃ ଏକ ଗବେଷଣା ଭିତ୍ତିକ ଅନୁଷ୍ଠାନ। ଏହା ଏସିଆର ଏକ ଅନନ୍ୟ ଅନୁଷ୍ଠାନ। ଏଠାରେ ଗଣିତ ଓ ଷ୍ଟାଟିଷ୍ଟିକ୍ସ୍ ବ୍ୟତୀତ ଥିଓରିଟିକାଲ୍ କମ୍ପ୍ୟୁଟର ସାଇନ୍ସ ଓ ମେଥମେଟିକାଲ୍ ଇକୋନୋମିକ୍ସ୍ ପଢ଼ାଯାଏ। ପ୍ରାୟ ପ୍ରତିବର୍ଷ ଏହାର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଆର୍ଯ୍ୟଭଟ୍ଟର ଛାତ୍ରଛାତ୍ରୀମାନେ ଏହି ଅନୁଷ୍ଠାନରେ ଯୋଗ ଦେଇଥାନ୍ତି।

## ପୁଷ୍ପାଞ୍ଜଳିଙ୍କୁ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୧୯।୬(ସମିସ): 'ସକାଳ'ର ସିଟି ରିପୋର୍ଟର ପିଣ୍ଟୁ ବେହେରାଙ୍କ ମା' ପୁଷ୍ପାଞ୍ଜଳି ବେହେରାଙ୍କ ଦ୍ୱାଦଶାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମା' ତାରାଦେବୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ସ୍ୱର୍ଗତା ବେହେରା ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗ ଅଞ୍ଚଳପାଇଁ ବଡ଼ କ୍ଷତି ହୋଇଛି ବୋଲି କୁହାଯାଇଛି। ଏ ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱର୍ଗତାଃ ପୁଷ୍ପାଞ୍ଜଳି ବେହେରାଙ୍କ ପୁଅ ରିଙ୍କୁ ବେହେରା, ପିଣ୍ଟୁ ବେହେରା, ସୁଶାନ୍ତ ବେହେରା, ଟୁକୁନା ବେହେରା, ଝିଅ ସୋନାଲି ରାଉତ, ଜ୍ୱାଇଁ ଶାନ୍ତନୁ ରାଉତ, ବୋହୂ ମାମାଲି ବେହେରା, ପାର ବେହେରା, ସୌରି ବେହେରା ଉପସ୍ଥିତ ଥିଲେ। ସେହିଭଳି ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନ, ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଭି ଭେଙ୍କେଟ ରାଓ, ଯୁଗ୍ମ ସମ୍ପାଦକ ଅସିତ ସାବତ, 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁଙ୍କ ସମେତ ବହୁ ଆଇନଜୀବୀ ଓ ସାମ୍ବାଦିକ ଉପସ୍ଥିତ ଥିଲେ।

ବିନା ପ୍ରେସ୍କ୍ରିପ୍‌ସନରେ ଆପତ୍ତିଜନକ ଔଷଧ ବିକ୍ରି ଘଟଣା | ଚଢ଼ଉର ଦ୍ୱିତୀୟ ଦିନ

# ୧୧ ଦୋକାନକୁ ଜାରିହେବ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର,୧୯।୬(ସମିସ)



ଡାକ୍ତରଙ୍କ ବିନା ପ୍ରେସ୍କ୍ରିପସନରେ ସହରର ବିଭିନ୍ନ ଔଷଧ ଦୋକାନରେ ବହୁ ଆପତ୍ତିଜନକ ଔଷଧ ବିକ୍ରୀ ହେଉଥିବା ଅଭିଯୋଗରେ ଗୁରୁବାର ଡ୍ରଗ୍ସ କଣ୍ଟ୍ରୋଲର ବା ଔଷଧ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଢ଼ଉ କରାଯାଉଛି। ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ସର୍କଲ (ବ୍ରହ୍ମପୁର) ସହକାରୀ ଔଷଧ ନିୟନ୍ତ୍ରକ ଦେବାଶିଷ କାଲୋଙ୍କ ନେତୃତ୍ୱରେ ୬ଜଣିଆ ଟିମ ଗଠିତ ହୋଇଛି। ଏହି ଟିମ୍ ପ୍ରଥମ ଦିନରେ ବୁଧବାର ସହରର ଆସିକା ରୋଡ଼ ଓ ଏମକେସିଜି ମେଡ଼ିକାଲ ଆଖପାଖରେ ଥିବା ୧୧ଟି ରିଟେଲର ଔଷଧ ଦୋକାନ ଉପରେ ଚଢ଼ଉ କରିଥିଲା। ଦୋକାନୀମାନେ ରତୁଚକ୍ର ବିଳମ୍ବ କରାଉଥିବା ଔଷଧ, ନାର୍କୋଟିକ୍ ଡ୍ରଗ୍ସ ଓ ଏମଟିପି(ମେଡ଼ିକାଲ ଟେର୍ମିନସେନ୍ ଅଫ୍ ପ୍ରେଗନେନସି) କିଟ୍ ସମେତ ଅନ୍ୟାନ୍ୟ ଆପତ୍ତିଜନକ ଔଷଧ ବିକ୍ରୀର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିପାରିନଥିବା ଶ୍ରୀ କାଲୋ କହିଛନ୍ତି। ଉକ୍ତ ରିଟେଲର ଦୋକାନର ମାଲିକମାନେ ହୋଲସେଲ ଦୋକାନ ଠାରୁ ଯେଉଁ ସଂଖ୍ୟକ ଆପତ୍ତିଜନକ ଔଷଧ କ୍ରୟ କରିଛନ୍ତି ତାହା କେଉଁ ଡ଼ାକ୍ତରଙ୍କ ପ୍ରେସକ୍ରିପସନ ଆଧାରରେ ବିକ୍ରୀ କରିଛନ୍ତି ଏପରିକି ଉକ୍ତ ଔଷଧର କାରବାର ସମ୍ପର୍କିତ କୌଣସି ବିଲ୍ ମଧ୍ୟ ଚଢ଼ଉ ସମୟରେ ସେମାନେ ପ୍ରଦାନ କରିବାରେ ଅକ୍ଷମ ହୋଇଥିଲେ। ତେଣୁ ଏହି ଘଟଣା ସମ୍ପର୍କରେ ଦକ୍ଷିଣାଞ୍ଚଳ ଜୋନ ଉପ ଔଷଧ ନିୟନ୍ତ୍ରକଙ୍କୁ ଲିଖିତ ଭାବେ ରିପୋର୍ଟ ଦିଆଯିବ। ନିୟମରେ ଖିଲାପ କରୁଥିବା ୧୧ଟି ରିଟେଲର ଔଷଧ ଦୋକାନକୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସୁପାରିସ କରାଯିବ ବୋଲି ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଦେବାଶିଷ କାଲୋ କହିଛନ୍ତି। ପରବର୍ତ୍ତି ସମୟରେ ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବୁଧବାର ଏହି ଟିମ ସହରରେ ଥିବା ୧୧ରୁ ଅଧିକ ହୋଲସେଲ ଔଷଧ ଦୋକାନରେ ଚଢ଼ଉ କରିଥିଲା।

## ୱାରେଣ୍ଟ ବଳରେ ୨ ଗିରଫ

ବ୍ରହ୍ମପୁର,୧୯।୬(ସମିସ)

ୱାରେଣ୍ଟ ବଳରେ ବଡ଼ବଜାର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀନୃସିଂହନଗର ୧୨ ଲାଇନର ଉଦ୍ଧବ ଜେନା(୨୫) ଓ ଜଗବନ୍ଧୁ ସାହି ମୁଖ୍ୟରାସ୍ତାର ସୁଦର୍ଶନ ପଟ୍ଟନାୟକ। ଅଭିଯୁକ୍ତ ସୁଦର୍ଶନ ନାମରେ ପୂର୍ବରୁ ମାମଲା ରହିଥିବା ବେଳେ ସେ ବିଚାରଣା ବେଳେ କୋର୍ଟରେ ହାଜର ହେଉନଥିଲେ। ଫଳରେ ତାଙ୍କ ନାମରେ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଗୁରୁବାର ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେହିପରି ଅଭିଯୁକ୍ତ ଉଦ୍ଧବ ଜେନାଙ୍କ ନାମରେ ୨୦୨୧ମସିହାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଦୀର୍ଘଦିନ ଧରି ଫେରାର ଥିଲେ। ଗୁରୁବାର ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ଦୀପ ତଳ ଅନ୍ଧାର

# ଜନସ୍ୱାସ୍ଥ୍ୟ ବିଭାଗ ଅଫିସ ଆଗରେ ନର୍ଦ୍ଦମା ପାଣି

**ବୁଗୁଡ଼ା,୧୯ ।୬(ସମିସ):** ସାରା ରାଜ୍ୟରେ ହଇଜାର ପ୍ରକୋପ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେବେ ବୁଗୁଡ଼ା ଏନଏସିରେ ନୂତନ ଭାବେ ଗଢ଼ି ଉଠିଥିବା ଅଧିକାଂଶ ସାହିରେ ଡ୍ରେନ ନଥିବା ବେଳେ ସେହି ସ୍ଥାନରେ ନାଳ ପାଣି ନିଷ୍କାସନ ହୋଇ ନପାରି ଘର ଭିତରେ ପଶୁଛି ତ କେଉଁଠି ରାସ୍ତାରେ ଭାସୁଛି । ଆଉ ସବୁଠାରୁ କୌତୁହଳର ବିଷୟ ଯେଉଁ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା କଥା ସେହି ବିଭାଗ କାର୍ଯ୍ୟାଳୟ ଆଗରେ ବହୁଛି ନର୍ଦ୍ଦମା ପାଣି । ବୁଗୁଡ଼ା ବ୍ଲକ ସାହି ଭିତରେ ଥିବା ପାଣି ଟାଙ୍କି ପାଖରେ ରହିଛି ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ।



ସେଠାରୁ ସହରର ଅଧିକାଂଶ ସ୍ଥାନକୁ ପାଇପ ଯୋଗେ ଜଳ ଯୋଗାଣ ହେଉଛି ଏବଂ ମୁଖ୍ୟ ପାଇପ ସହ ଶାଖା ପାଇପ ମଧ୍ୟ ସେଠାରୁ ବାହାରିଛି । ତେବେ ଏହି ପାଇପ ତଳେ ରହିଛି ଡ୍ରେନ ଏବଂ ଅଧିକାଂଶ ସମୟରେ ନାଳ ପାଣି ଏହି ପାଇପ ଉପର ଦେଇ ସାହି ରାସ୍ତାରେ ଭାସୁଛି ଏବଂ ନର୍ଦ୍ଦମା ପାଣିରେ ବୁଡ଼ି ରହିଥିବା ଏହି ପାଇପ ନିକଟରେ ପୋକ ସାଲୁବାଲୁ ମଧ୍ୟ ହେଉଛନ୍ତି । ଲୋକେ ଏହି ପାଇପ ପାଣିକୁ ପିଇବା ଓ ରୋଷେଇ କାର୍ଯ୍ୟରେ ବ୍ୟବହାର କରୁଥିବା ବେଳେ ନର୍ଦ୍ଦମା ପାଣି ଏହି ପାଇପ ଉପର ଦେଇ ଯାଉଥିବାରୁ ଅଞ୍ଚଳରେ ହଇଜା ବ୍ୟାପିବା ଆଶଙ୍କା ଦେଖା ଦେଇଛି । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଏନଏସି ଉପରେ ଦୋଷ ଲଦି ଦେଇଛନ୍ତି । ଏନ୍ଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିଲେ ମଧ୍ୟ ଏହାର ସମାଧାନ ହେଉନଥିବା କହିଛନ୍ତି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦେଲେ ସହରରେ ହଇଜା ବ୍ୟାପିବା ଆଶଙ୍କା ଦେଖାଦେଇଛି ।

ସଂକ୍ରମଣକୁ ଖୋଲା ନିମନ୍ତ୍ରଣ

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆବର୍ଜନା ପାହାଡ଼





**କୁକୁଡ଼ାଖଣ୍ଡି,୧୯ ।୬(ସମିସ):** ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ନେଇ ବିକାଶ ରଥ ସାରା ରାଜ୍ୟରେ ବୁଲାଉଥିବାବେଳେ ତୃଣମୂଳସ୍ତରରେ ଏହା କିପରି ପହଞ୍ଚିଛି ତାହା ଦେଖିବା ଲାଗି କାହାର ସମୟ ନାହିଁ। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଯାହାର ନମୂନା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ। କୁକୁଡ଼ାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ହେଲା ଜମା ହେଇ ରହିଛି କୁଡ଼ କୁଡ଼ ଆବର୍ଜନା। ଏହାଦ୍ୱାରା ପରିବେଶ ପୁତିଗନ୍ଧମୟ ହୋଇପଡିଛି । ହେଲେ ସ୍ଥାନୀୟ ସରପଞ୍ଚ କିମ୍ବା ପ୍ରଶାସନ ଏହାର ସଫେଇ ନିମନ୍ତେ ପଦକ୍ଷେପ ନେଉନାହାନ୍ତି । ଏପରିକି ଦୈନନ୍ଦିନ ଏହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଯାତ୍ରୀ ନାକରେ ଗାମୁଛା ଦେଇ ଯାତାୟତ କରୁଥିବା ଦେଖାଦେଇଛି । ରାସ୍ତା କଡ଼ରେ ଗଚ୍ଛିତ ଅଳିଆରେ ବର୍ଷା ପାଣି ପଡ଼ି ପ୍ରବଳ ଦୁର୍ଗନ୍ଧ ହେଉଛି । ଏପରିକି ନିକଟରେ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ପାଚେରି ଥିବାରୁ କଲେଜ ଯିବାଆସିବା ସମୟରେ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ରାଜ୍ୟରେ ହଇଜା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ କୁକୁଡ଼ାଖଣ୍ଡି ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ବର୍ତ୍ତମାନ ବର୍ଷା ଋତୁ ଆସିଯାଇଛି । ଏପରି ସ୍ଥିତିରେ ଜଳ ପ୍ରଦୂଷଣ ବୃଦ୍ଧି ପାଇବାର ଆଶଙ୍କା ରହିଛି । ହେଲେ ଏହାକୁ ରୋକିବା ଲାଗି ପଞ୍ଚାୟତ ପ୍ରଶାସନ ସତେ ଯେମିତି ଆଖି ବୁଜି ଦେଇଛି । ଏପଟେ ଠେଲା ଗାଡ଼ିରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅଳିଆ ଆବର୍ଜନା ତଥା ଖାଇବା ପତ୍ର ଇତ୍ୟାଦି ଉକ୍ତ ସ୍ଥାନରେ ପକାଉଥିବାରୁ ଏହା ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ରାଜ୍ୟରେ ହଇଜା ସଂକ୍ରମଣ ହୁ ହୁ ହୋଇ ବଢୁଥିବାବେଳେ ହୋଟେଲ, ଫାଷ୍ଟଫୁଡ଼ ଦୋକାନ ଗୁଡିକରେ ଖାଦ୍ୟର ମାନ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

ଅଞ୍ଚଳର ଥିବା ନାଳ ଗୁଡ଼ିକ ସଫେଇ କରିବା ତ ଦୂରର କଥା ମୁକୁଳା ଅବସ୍ଥାରେ ପଡିରହିଥିବାରୁ ବେଳେ ବେଳେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ଏବଂ ମଶା ମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବଢୁଛି । ସୂଚନାଯୋଗ୍ୟ ପଞ୍ଚାୟତର ପରିମଳ ବ୍ୟବସ୍ଥା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ମଞ୍ଜୁର ହେଉଛି । ହେଲେ ଏହି ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହା ଜଣାପଡୁନି । ତେଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଅଞ୍ଚଳରେ ହଇଜା ସଂକ୍ରମଣ ହେବାର ସମ୍ଭାବନା ରହିଛି । ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନି । ସେହିପରି ଘଟଣାର ସମ୍ପର୍କରେ ପ୍ରତିକ୍ରିୟା ନେବା ଲାଗି ସ୍ଥାନୀୟ ସରପଞ୍ଚଙ୍କ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନି । ତେବେ ବ୍ଲକ ଏଇ ଅନୁରାଗ ରଥଙ୍କ ସହ ଯୋଗାଯୋଗ କରିବାରୁ ପିଇଓଙ୍କ ସହ ଯୋଗାଯୋଗ କରି ଏହାର ସମାଧାନ ନିମନ୍ତେ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଚୋରି ମାମଲାରେ ୨ ଗିରଫ

**ରଙ୍ଗେଇଲୁଣ୍ଡା,୧୯ ।୬(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ କୀର୍ତ୍ତିପୁର ଖେଳ ପଡ଼ିଆ ଓ ଜିମରୁ ଲୁହା ସାମଗ୍ରୀ ଚୋରି ମାମଲାରେ ପୁଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସୋରଲ ଛକର ଅଜୟ ଦାସ (୨୫) ଓ ବିକାଶ ଦାସ (୨୩) । ଥାନା ଅଧିନସ୍ଥ ଲୌଡ଼ିଗାଁ ପଞ୍ଚାୟତ ଅଧିନସ୍ଥ କୀର୍ତ୍ତିପୁର ଗ୍ରାମରେ ଥିବା ଖେଳ ପଡିଆ ଓ ଖୋଲା ଜିମ୍‌ରେ ଲାଗିଥିବା ଲୁହାଗ୍ରରଲ ଓ ଲୁହା ସାମଗ୍ରୀ ଦୁଇ ଜଣ ଯୁବକ ଗୁରୁବାର ସକାଳେ ଚୋରି କରି ବ୍ୟାଗରେ ଲୋଡ଼ କରି ନେଉଥିବା ବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ କାବୁ କରିଥିଲେ । ଏନେଇ ଗୋଳନ୍ଥରା ଥାନାକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚି ଦୁଇ ଜଣକୁ ଅଟକ ରଖି ପଚାର ଉଚରା କରିବା ପରେ ଲୌଡ଼ିଗାଁ ସରପଞ୍ଚ ସୁରେଶ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁକରି ଅଜୟ ଓ ବିକାଶକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ୩୪ କ୍ୱିଣ୍ଟାଲ ମହୁଲ ଜବତ; ଜଣେ ଗିରଫ

**ଖଲ୍ଲିକୋଟ,୧୯ ।୬(ସମିସ):** ଖଲ୍ଲିକୋଟ ଅବକାରୀ ବିଭାଗ ଆଜି ବେଗୁନିଆପଡା ଥାନା ଅଞ୍ଚଳରେ ଚଢ଼ଉ କରି ୩୪ କ୍ୱିଣ୍ଟାଲ ମହୁଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ବେଗୁନିଆପଡା ଥାନା ଅନ୍ତର୍ଗତ କୁମାରିପାରୀ ନୂଆଁଗାଁରେ ଏକ ଘରେ ବିପୁଳ ପରିମାଣର ମହୁଲ ଗଚ୍ଛିତ ଥିବା ଖବର ପାଇ ଗୁରୁବାର ଅପରାହ୍ନରେ ଗଞ୍ଜାମ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶିଙ୍କ ତତ୍ତ୍ୱାବଧାନରେ ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ ଅବକାରୀ ଟିମ ସହ ଚଢଉ କରି ୩୪ କ୍ୱିଣ୍ଟାଲ ମହୁଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ । ଗିରଫ ବ୍ୟକ୍ତି ଜଣଙ୍କ ଦଣ୍ଡପାଣି ବେହେରା ବୋଲି ଜଣାପଡ଼ିଛି । ତାଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି ।

## ବାଘଲଟିରେ ବିକାଶ ବାହନର ଶୁଭାରମ୍ଭ



**କୁକୁଡାଖଣ୍ଡି,୧୯ ।୬(ସମିସ):** କୁକୁଡାଖଣ୍ଡି ବ୍ଲକ ଅଧିନସ୍ଥ ବାଘଲଟି ପଞ୍ଚାୟତ ପରିସରରେ ସରପଞ୍ଚ ମାମି ସାସମଲଙ୍କ ଦ୍ୱାରା ବିକାଶ ବାହନ ରଥ ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତିନିଧି ସୁକାନ୍ତ କୁମାର ସାସମଲ ସଂଯୋଜନା କରିଥିଲେ । କିଛି ହିତାଧିକାରୀଙ୍କୁ ରାସନକାର୍ଡ, ଭତ୍ତା କାର୍ଡ ସରପଞ୍ଚ ଶ୍ରୀମତୀ ସାସମଲ ବଣ୍ଟନ କରିବା ସହ ଅଭିଯୋଗ ଶୁଣିଥିଲେ । ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ବିଭାଗର ଲାଇନ୍ ବିଭାଗ ରୋଗୀ କଲ୍ୟାଣ, କୃଷି ବିଭାଗ, ବ୍ୟାଙ୍କ, ଆଧାର କେନ୍ଦ୍ର ଇତ୍ୟାଦି ବିଭାଗର ମୁଖିଆ ଉପସ୍ଥିତ ରହି ଲୋକଙ୍କ ଅସୁବିଧା ବୁଝିଥିଲେ । ପିଇଓ ମହେଶ୍ୱର କୁମାର ବେହେରା, ଏଡିଓ ସୋରଜୀନି ନାୟକ, ଜେଇ ଇନ୍ଦିରା ପ୍ରିୟଦର୍ଶିନୀ ମହାକୁଡ, ଜୟନ୍ତ କୁମାର ଗୌଡ଼, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟ ନନ୍ଦ ମହାରାଜ, ସହଯୋଗୀ ଏ ସୁନୀଲ କୁମାର, ଏ ଯୋଗେନ୍ଦ୍ର ପାତ୍ରଙ୍କ ସହ ବହୁ ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମଚାରୀ, ଆଶାକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ଗୃହ ଅଚଳ; ପ୍ରଶାସନ ନିରବ



**ରମ୍ଭା,୧୯ ।୬(ସମିସ):** ଓଡିଶା ସରକାର ଲକ୍ଷପତି ଦିଦି ସୃଷ୍ଟି କରୁଛନ୍ତି । କିନ୍ତୁ ରମ୍ଭା ଏନ୍ଏସିରେ ଥିବା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହ ଅଚଳ ଓ ଭାଙ୍ଗିରୁଜି ପଡ଼ି ରହିଛି । ମା ଭଉଣୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ବୈଠକ କରିବାକୁ ଚାହିଁଲେ ପରିତ୍ୟକ୍ତ ଗୃହର ଅବସ୍ଥା ଓ ବ୍ୟବସ୍ଥାକୁ ଦେଖି ଡ଼ରି ଯାଉଛନ୍ତି । ୧୩ଟି ୱାର୍ଡର ଅନେକ ମିଶନ ଶକ୍ତି ଗୃହ ଅଚଳ ହୋଇ ପଡ଼ିଥିବାବେଳେ ଏକାଧିକ ଥର ମରାମତି ନାମରେ ଫଲସ ବିଲ ହୋଇଥିବା ଅଭିଯୋଗ ହେଉଛି । ଅନେକ ଗୃହ ଭିତରୁ କୌଣସି ଗୋଟିଏ ଗୃହ ତାହାର ପୂର୍ବ ଅବସ୍ଥା ଫେରାଇ ଆଣିବା ନଜିର ନଥିବା ଲକ୍ଷ୍ୟ କରାଯାଇଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇ ତାହାର ରକ୍ଷଣାବେକ୍ଷଣ ଉପରେ ଯଦି ଉଦାସୀନତା ଦେଖାଯାଏ, ଏ ଟଙ୍କା କାହାର ବୋଲି ସାଧାରଣରେ ଆଲୋଚନା ହେଉଛି । ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ଏକରୁ ଏକାଧିକ ଯୋଜନା କରି ବିକାଶ ବାହାନ ବୁଲାଉଛନ୍ତି । କିନ୍ତୁ ପୂର୍ବ ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକୁ କଲର ବୋଲି ବାହାସ୍ୱଟ ମାରିବା ସାଧାରଣରେ ଆଲୋଚନା ହେଉଛି । ମିଶନ ଶକ୍ତି ଗୃହ ଗୁଡିକ ଆଜି ଧର୍ମଶାଳା ହୋଇପାରିନାହିଁ। କିନ୍ତୁ ଗୋରୁ ଗାଇଙ୍କ ପ୍ରାକୃତିକ ଦୂର୍ବିପାକ ସମୟରେ ଆତିଥୟତା ନେବା ସହିତ ଗୁହାଳ ବନାଇ ଦେଇଥିବା ଫୋଟୋ ଚିତ୍ରରୁ ଉଲ୍ଲେଖ କରାଯାଇଛି ।

## ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା



**ଛତ୍ରପୁର,୧୯ ।୬(ସମିସ):** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ (ନିରାକରଣ ଓ ନିୟନ୍ତ୍ରଣ) ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ଶିଶୁ ଶ୍ରମିକ ରୋକିବା ସହ ଆନ୍ୟାନ୍ୟ ଆଇନ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ୧୪ବର୍ଷ ପୂର୍ଣ୍ଣ କରି ନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଧର୍ତ୍ତବ୍ୟ ଅପରାଧ ଅଟେ ।

ସୂଚନାଥାଉକି, ଗତ ୫ ବର୍ଷ ଭିତରେ ଶ୍ରମ ବିଭାଗ ପକ୍ଷରୁ ୩୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଚଳିତ ବର୍ଷ (ଜୁନ ୧୮)ରେ ହିଞ୍ଜିଳି କାଟୁ ଏବଂ ବେଲଗୁଣ୍ଠା ଅଞ୍ଚଳରୁ ୫ଜଣ ଶିଶୁ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ଜୁନ ୧୨ ତାରିଖ ଠାରୁ ଏକ ସଚେତନତା ରଥ ଜିଲ୍ଲାର ବିଭିନ୍ନ ସ୍ଥାନକୁ ବୁଲି ସଚେତନତା କରୁଛି । ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ରହ୍ମପୁର ଡ଼ିଏଲସି ବାବୁ ଚରଣ ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଚିନ୍ମୟ କୁମାର, ଡିସିପିଓ ରାଜଶ୍ରୀ ଦାଶ, ସିଡବ୍ଲୁସି ଅଧ୍ୟକ୍ଷ ଦିଲ୍ଲୀପ ତ୍ରିପାଠୀ, ଆଇଏସଆର ଡି ଡାଇରେକ୍ଟର ସୁଧୀର ସାବତ, ବଳରାମ ମଳିକ, ଅରୁଣାର ପ୍ରଶାନ୍ତ କୁମାର ସ୍ୱାଇଁ, ମହେଶ୍ୱର ବରାଳ, ଛତ୍ରପୁର ବଡ଼ ବଜାର ବ୍ୟବସାୟୀ ସଂଘ ସଭାପତି ସଂଜିତ କୁମାର ରାଉଳ, କିରାଣୀ ବ୍ୟବସାୟୀ ସଂଘର ସୟଦ ମୁକ୍ତାର, ରାମାୟଣମ୍ମା ବ୍ୟବସାୟୀ ସଂଘର କେ. ନରସିଂହ ମୂର୍ତ୍ତି, ସୁନା ବ୍ୟବସାୟୀ ସଂଘର କେ. ରମେଶ, ମଝି ବଜାର ମହାଶକ୍ତି ବଣିକ ସଂଘର ସଭାପତି କିଶୋରଚନ୍ଦ୍ର ସେନାପତି, କାଜୁ ଫ୍ୟାକ୍ଟ୍ରି ସଂଘର ନିରଞ୍ଜନ ପାତ୍ର, ଏଡିଏଲ ଓ ବି. ହୃଷୀକେଶ ରାଓଙ୍କ ସମେତ ଅନ୍ୟାନ୍ୟ ବିଭାଗ ଜିଲ୍ଲାସ୍ତରୀୟ ଅଧିକାରୀ, ଏନଜିଓ, ବିଭିନ୍ନ ବ୍ୟବସାୟୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଶ୍ରମ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବ୍ରହ୍ମପୁର ଭାରପ୍ରାପ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

● ସପ୍ତାହେ ଗଲାନି ନିର୍ମିତ ଡ୍ରେନ୍ ପ୍ଲେଟ୍

## ଟ୍ରକ୍ ଯିବାରୁ ଦବିଲା; ଅଳ୍ପକେ ବର୍ତ୍ତିଲେ ଲୋକେ

**ଆସିକା,୧୯ ।୬(ସମିସ):** ଏନଏଚ୍ ବିଭାଗ ଓ ଠିକାଦାରର ମଧୁଚନ୍ଦ୍ରିକା ଯୋଗୁ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି । ବିଭାଗୀୟ ଜେଇଙ୍କ ନୀରବ ଯୋଗୁ ଠିକାଦାର ନିମ୍ନ ମାନର କାମ କରି ମାଲାମାଲ ହେଉଛନ୍ତି । ଆସିକା କଳିଙ୍ଗ ରୋଡ଼ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ନାଳ ନିର୍ମାଣ ଚାଲିଛି । ଆଉ ଶେଷ ପର୍ଯ୍ୟାୟରେ ବି ପହଞ୍ଚିଲାଣି । କିନ୍ତୁ ନିର୍ମାଣ ହୋଇଥିବା ଡ୍ରେନ ଗୁଡିକ ଅନେକ ସ୍ଥାନରେ ମୁକୁଳା ହୋଇପଡିଛି ।



ଯାହାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହେଲାଣି । ଆସିକା ନୂଆ ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ନାଳ ତିଆରି ସରି ପ୍ଲେଟ ପଡ଼ିବାକୁ ଏକ ସପ୍ତାହ ବିତିଲାଣି । କିନ୍ତୁ ଗୁରୁବାର ଏକ ସିମେଣ୍ଟ ବୋଝେଇ ଟ୍ରକ ଏକ ଭାରିଯାନ ଯିବା ବେଳେ ନିର୍ମାଣ ହୋଇଥିବା ନାଳ ଉପରେ ପଡ଼ିଥିବା ପ୍ଲେଟ ଦବି ଯିବାରୁ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ଏମିତି କି କାମକୁ ଦେଖି ସାଧାରଣ ଜନତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଜନତା କାହାକୁ ଗୁହାରି କରିବେ ସେନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଲାଣି । ନିମ୍ନମାନର କାମକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ସେପଟେ ବିଭାଗୀୟ ପଦାଧିକାରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବେଳେ ନେଇଥିବା ଠିକାଦାର ଉପରେ କେବେ ଲାଗିବ ଅଙ୍କୁଶ ତାହାକୁ ସମସ୍ତଙ୍କ ଅପେକ୍ଷା ।

## ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

**ଗଞ୍ଜାମ,୧୯ ।୬(ସମିସ):** ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ବାତ୍ୟା ଆଶ୍ରୟସ୍ଥଳୀରେ ସେଲଟରସ୍ତରୀୟ ମକଡ଼ିଲ ଅନୁଷ୍ଠିତ ହୋଇଥିଲା । ଏଥିରେ ଡେପୁଟି କଲେକ୍ଟର ଅଭିଷେକ ସାହୁ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ସିଡିପିଓ ସଲୀଳା ପ୍ରଧାନ, ସରପଞ୍ଚ ସଂଯୁକ୍ତା ପ୍ରଧାନ, ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପର୍ଯ୍ୟବେକ୍ଷକ, ହୁମା ଫାଣ୍ଡି ପୁଲିସ, ଓଡ଼ିଆରଏଫ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ବାତ୍ୟା ସମୟରେ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ଉପସ୍ଥିତ ଲୋକମାନଙ୍କୁ ଅଗ୍ନିଶମ କର୍ମଚାରୀ ବୁଝାଇ ଥିଲେ । ଅଗ୍ନି ବିପନ୍ନ, ଗର୍ଭବତୀ ମାନଙ୍କୁ କିଭଳି ସୁରକ୍ଷିତ ଭାବେ ମେଡିକାଲକୁ ନିଆଯିବ ତାହା କୌଶଳ ଶିଖାଯାଇଥିଲା । କାମଧେନୁ ସେବା ସମବାୟ ସମିତି ସମ୍ପାଦକ ଟୁନା ମହାରଣା, ପାଳିବନ୍ଧ ପିଇଓ କେ ପୋଟୁଡୁ, ଅଙ୍ଗନବାଡ଼ି କର୍ମୀ ଅନିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍



**ଛତ୍ରପୁର,୧୯ ।୬(ସମିସ):** ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପର ପ୍ରସ୍ତୁତିକୁ ନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଥିବା ୧୧୦ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳିରେ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଛତ୍ରପୁର ବ୍ଲକ ଉପୁଲାପୁଟି ବାତ୍ୟା ଆଶ୍ରୟସ୍ଥଳିରେ ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ଅଧକ୍ଷ୍ୟତାରେ ଏକ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଛତ୍ରପୁର ଅଗ୍ନିଶ୍ରମ ବିଭାଗ ପକ୍ଷରୁ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ଓ ଧନ ଜୀବନକୁ ସୁରକ୍ଷା କରାଯାଇପାରିବ ସେନେଇ ମକ୍ ଡ୍ରିଲ କରିଥିଲେ । ବିଶେଷକରି ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ପରେ ଉପସ୍ଥିତ ଜନସାଧାରଣ ମାନଙ୍କୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କିପରି ପରିଚାଳନା କରାଯାଇପାରିବ ସେନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଳିପଲ୍ଲୀ ସରପଞ୍ଚ ପ୍ରତିନିଧି ବି. ଚନ୍ଦ୍ରମଣି ପାତ୍ର, ପଦ୍ମ ଚରଣ ସାହୁ, ଗ୍ରାମ ସଭାପତି ଆର. ସୀମାଦ୍ରୀ ରେଡ଼ି, ଏନଜିଓ ଅଜିତ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ଆଲୋକନାଥ ସେଠୀ, ଅଗ୍ନିଶମ କର୍ମଚାରୀ ପ୍ରଭାକର ଜେନା, ୱାର୍ଡ ମେମ୍ବର ମୁନି ସେଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବନ୍ୟା ଆଶ୍ରୟସ୍ଥଳୀରେ ସଚେତନତା



**ଦିଗପହଣ୍ଡି,୧୯ ।୬(ସମିସ):** ଗଞ୍ଜାମ ଜିଲା ପ୍ରଶାସନ ଓ ଦିଗପହଣ୍ଡି ବ୍ଲକ ପ୍ରଶାସନର ମିଳିତ ସଂଯୋଜନାରେ ଦିଗପହଣ୍ଡି ବ୍ଲକ ଅଧିନସ୍ଥ ଖମାରି ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ବିପର୍ଯ୍ୟୟ ପରିଚାଳନା ନେଇ ଗୁରୁବାର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ଲୋକଙ୍କୁ ବିପର୍ଯ୍ୟୟ ସମୟରେ ଉଦ୍ଧାର କରାଯିବାର କଳା କୌଶଳ ସମ୍ପର୍କରେ ତାଲିମ ଦିଆଯିବା ପରେ ସାମୂହିକ ଅଭ୍ୟାସ ତଥା ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ ପରିଚାଳନା କରିଥିଲେ । ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଦିଗପହଣ୍ଡି ଏବିଇଓ ବାଳା ମାଝୀ, କନିଷ୍ଠ ଯନ୍ତ୍ରୀ ଇଂ. ସୁନୟନା ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ମହାଙ୍କୁଡ଼, ଏଡିଓ ଶିବ କୁମାର ସାହୁ, ରାଜସ୍ୱ ନିରୀକ୍ଷକ ସନାତନ ରଣା, ସମିତିସଭ୍ୟ ପ୍ରତିନିଧି ଭଗବାନ ମହାପାତ୍ର, ନାଏବ ସରପଞ୍ଚ ଶରତ କୁମାର ଶବର, ପ୍ରାଣୀ ଚିକିତ୍ସକ ଡ଼. ଡି.ବାଲାଜୀ ଦୋରା, କ୍ଲଷ୍ଟର ସିଆରସିସି ଜଗନ୍ନାଥ ବେହେରା, ଶ୍ରଦ୍ଧା ଏନଜିଓ ପ୍ରତିନିଧି ଶଙ୍କର ମିଶ୍ର, ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ସମ୍ପାଦକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସମେତ ଅଗ୍ନିଶମ କର୍ମଚାରୀ ବୃନ୍ଦ ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସଚେତନ କରାଇବା ସହ ଆବଶ୍ୟକସ୍ଥଳେ ସେମାନଙ୍କୁ କିପରି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ । ଏହି ସମୟରେ ନିୟୋଜିତ ଉଦ୍ଧାରକାରୀ ଟିମକୁ ସହଯୋଗ କରି ଗର୍ଭବତୀ ମହିଳା, ଭିନ୍ନକ୍ଷମଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେବାପାଇଁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା ।

**ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ବିରୋଧ**

# ବିଭାଗୀୟ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

**ବେଲଗୁଣ୍ଠା,୧୯ ।୬(ସମିସ)**

ବେଲଗୁଣ୍ଠା ବ୍ଲକ୍‌ରେ ଚାଲିଛି ବିଦ୍ୟୁତ୍ ବିଭାଗର ମନମାନୀ । କୌଣସି ପୂର୍ବ ସୂଚନା ନଦେଇ ଘଣ୍ଟା ଘଣ୍ଟା ଧରି ହେଉଛି ବିଦ୍ୟୁତ୍ କାଟ୍ । ଯାହାର କୁପ୍ରଭାବ ଜନସାଧାରଙ୍କ ସମେତ ସେମାନଙ୍କର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ଉପରେ ପଡୁଛି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷକୁ ବିଦ୍ୟୁତ୍ ଗ୍ରାହକ ମାନେ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେବା ତ ଦୂରର କଥା ଲୋକଙ୍କ ଫୋନ୍ ମଧ୍ୟ ଉଠାଉ ନାହାନ୍ତି । ଏଥିରେ ଉତ୍ତ୍ୟକ୍ତ ହୋଇ ଗୁରୁବାର ବିଦ୍ୟୁତ୍ ବିଭାଗର ଏକ ଗାଡ଼ିକୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ସୂଚନା ପ୍ରକାରେ ଗତ ମଙ୍ଗଳବାର ବେଲଗୁଣ୍ଠା ବ୍ଲକ୍ ଘୁ. ନୂଆଗାଆଁ ନିକଟରେ ୩୩ କେଭି ଲାଇନ ବ୍ରେକ୍ ଡ଼ାଉନ୍ ହୋଇଥିଲା । ଅପରାହ୍ନ ୪ଟା ପରେ କିଛି ସମୟ ପାଇଁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇ ପୁଣି ଥରେ ବିଦ୍ୟୁତ୍ କାଟ ହୋଇ ବୁଧବାର ଦିନ ୧୧ଟା ସମୟରେ ବିଦ୍ୟୁତ୍ ଆସିଥିଲା । କିନ୍ତୁ ଘଣ୍ଟାଏ ପରେ ପୁଣି ବିଦ୍ୟୁତ୍ କଟି ଯାଇଥିଲା ଓ ପାଖାପାଖି ୨୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିବା ବେଳେ ଏଥିରେ ସ୍ଥାନୀୟ ଲୋକେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ । ଗୁରୁବାର ବିଦ୍ୟୁତ୍ ବିଭାଗର ଏକ ଗାଡ଼ିରେ କିଛି ବିଦ୍ୟୁତ୍ କର୍ମଚାରୀ ବ୍ରେକ୍ ଡ଼ାଉନ୍ ହୋଇଥିବା ୩୩ କେଭି ଲାଇନ ସଜାଡିବାକୁ ଯାଇଥିବା ବେଳେ ଘୁ .ନୂଆଁଗାଁଠାରେ ସ୍ଥାନୀୟ ଲୋକେ ଗାଡିକୁ ଅଟକାଇ ପାଟିତୁଣ୍ଡ କରିଥିଲେ । ତେବେ ଘଟଣା ସ୍ଥଳକୁ କନିଷ୍ଠ ଯନ୍ତ୍ରୀ ଯାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଗାଡିକୁ ଛାଡିଥିଲେ ଏବଂ କର୍ମଚାରୀ ମାନେ ଲାଇନ୍ ମରାମତି କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଖବର ଲେଖା ହେବା ସୁଦ୍ଧା ବିଦ୍ୟୁତ୍ ବିଭାଗର କନିଷ୍ଠା ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ଲୋକଙ୍କ ନିକଟକୁ ଯାଇ ନାହାନ୍ତି ଓ ତେବେ ଭବିଷ୍ୟତରେ ଯଦି ପୁଣି ବିଦ୍ୟୁତ୍ ବିଭ୍ରାଟ ହୁଏ ତେବେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।



● ସରକାରୀ ଅର୍ଥ ଆତ୍ମସାତ

## ବନ୍ଧାହେଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ



ଦାରିଙ୍ଗବାଡି, ୧୯।୬(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ରୁର ମାଝୀଙ୍କୁ ସରକାରୀ ଅର୍ଥକୁ ବେଆଇନ ଭାବେ ବ୍ୟାଙ୍କରୁ ଉଠାଇ ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି।

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ସେ ଦାରିଙ୍ଗବାଡ଼ି ବ୍ଲକର ଝିଞ୍ଜିରୀଗୁଡା ଏବଂ ସରାମୁଳି ପଞ୍ଚାୟତ ଦାୟିତ୍ୱରେ ଥିବାବେଳେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନର ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଉଠାଣ କରି ଆତ୍ମସାତ କରିଥିବା ସ୍ଥାନୀୟ ପ୍ରଶାସନ ଗତ ନଭେମ୍ବରରେ ଜିଲ୍ଲା ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇଥିଲା। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ଭିଜିଲାନ୍ସର ସହଯୋଗ ଲୋଡ଼ିଥିଲା। ଭିଜିଲାନ୍ସ ସେହିଦିନ ଠାରୁ ତଦନ୍ତ କରୁଥିବାବେଳେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ ଅକ୍ରୁରଙ୍କୁ ଗିରଫ କରିଛି। ବ୍ଲକ ପ୍ରଶାସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ଉକ୍ତ ଅନୁଦାନକୁ ଯେଉଁସବୁ ପ୍ରକଳ୍ପରେ ଖର୍ଚ୍ଚ କରାଯିବ, ସେଠି ଅନ୍‌ଲାଇନ ମାଧ୍ୟମରେ ପେଁଠ କରାଯିବା ନିୟମ ରହିଛି। କିନ୍ତୁ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିୟମକୁ ପାଳନ କରୁନଥିବା ପ୍ରଶାସନ ଜାଣି ତାଙ୍କୁ ନଭେମ୍ବରରୁ ପ୍ରଥମେ ପଞ୍ଚାୟତ ଦାୟିତ୍ୱରୁ ଅପସାରଣ କରି ବ୍ଲକ ହେଡକ୍ୱାର୍ଟରରେ ଡ୍ୟୁଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଖଣି ବିଭାଗ ଅଧିକାରୀଙ୍କ ଗାଡ଼ିକୁ ମାଫିଆଙ୍କ ପଥରମାଡ଼

ପାରଳାଖେମୁଣ୍ଡି, ୧୯।୬(ସମିସ)

● ହେଉନି କାର୍ଯ୍ୟାନୁଷ୍ଠାନ, ବଢୁଛି ମାଫିଆଙ୍କ ସାହସ

● ଖଣି ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ



ଗଜପତି ଜିଲ୍ଲାରେ ବାଲି, ମାଟି, ପଥର ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଯିଏ ବାଧା ଦେଲା ସେମାନଙ୍କ ଆକ୍ରୋଶର ଶିକାର ହେଲା। ଖଣି ବିଭାଗ ଅଧିକାରୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଚଢ଼ଉ କରିବାକୁ ଯାଉଥିବା ଖଣି ବିଭାଗ ଅଧିକାରୀଙ୍କୁ ଆକ୍ରମଣ ସହ ଗାଡି ଭଙ୍ଗାରୁଜା କରିଛନ୍ତି ମାଫିଆ। ଗୁରୁବାର ଗଜପତି ଜିଲ୍ଲା ଖଣି ବିଭାଗର ବିଶ୍ୱଜିତ୍ କୁମାର ମହନ୍ତ ଏବଂ ବିଷ୍ଣୁ ଦେହୁରୀ ମାଟି ଉତ୍ତୋଳନ କରାଯାଉଥିବା ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ନିକଟସ୍ଥ ଥୁଣ୍ଟାବାଡ ଅଞ୍ଚଳରେ ଚଢ଼ଉ କରିଥିଲେ। ଏକ ଜେସିବି (ଓଡି୨୦-୨୩୫୭) ସହାୟତାରେ ଏକ ଟ୍ରାକ୍ଟର(ଓଡି୨୦-୩୧୯୪)ରେ ବେଆଇନ ଭାବେ ମାଟି ଖୋଳି ଚାଲାଣ ହେଉଥିଲା। ଏହି ସମୟରେ ଖଣି ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଆବଶ୍ୟକ ଦସ୍ତାବିଜ ମାଗିଥିଲେ ମଧ୍ୟ ସେମାନଙ୍କ ପାଖରେ ନଥିଲା। ଏହାପରେ ଜରିମାନା ଭରିବା ପାଇଁ ଖଣି ବିଭାଗ ଅଧିକାରୀ କହିଥିଲେ। ଏତିକି ବେଳେ ବେଆଇନ ମାଟି ଉତ୍ତୋଳନ କରୁଥିବା ଟ୍ରାକ୍ଟର ଖଣି ବିଭାଗର ଗାଡ଼ି ଆଗକୁ ଯାଇ ରାସ୍ତା ଅବରୋଧ କରିବା ଉଦ୍ଦେଶ୍ୟରେ ମୁଖ୍ୟ ରାସ୍ତା ଉପରେ ପକାଇ ଗାଡ଼ିରେ ବସିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଲକ୍ଷ୍ୟ କରି ଢେଲା ମାଡ଼ ଆରମ୍ଭ କରିଦେଇଥିଲେ ମାଫିଆ। ଏଥିରେ ଅଧିକାରୀ ଓ କର୍ମଚାରୀଙ୍କ କ୍ଷୟକ୍ଷତି ହୋଇ ନଥିଲେ ହେଁ ଗାଡ଼ି ସମ୍ମୁଖ ଭାଗ କାଚ ସହ ଅନ୍ୟାନ୍ୟ ସ୍ଥାନରେ ପଥର ବାଜିଥିବାରୁ କ୍ଷୟକ୍ଷତି ହୋଇଛି। ଏନେଇ ଜିଲ୍ଲା ଖଣି ବିଭାଗ ତରଫରୁ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରି ଘଟଣା ରାଜ୍ୟରେ ବାରମ୍ବାର ଘଟୁଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଖଣି ମାଫିଆଙ୍କ ଦୌରାତ୍ମ୍ୟ ଓ ସାହାସ ଦିନକୁ ଦିନ ବୃଦ୍ଧି ପାଉଛି।

## ଜି.ଉଦୟଗିରି ସେକ୍ସନରେ ହାତୀପଲ; ଲୋକେ ଭୟଭୀତ

ଜି.ଉଦୟଗିରି, ୧୯।୬(ସମିସ): ଦୁଇ ମାସ ହେଲା କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଗୁରୁବାର ଜି.ଉଦୟଗିରି ପିଡିକାମାହା, ମାଲାନସୁଗା ଅଞ୍ଚଳରେ ହାତୀ ବୁଲୁଥିବା ଦେଖି ଅଞ୍ଚଳବାସୀ ଭୟଭୀତ



ହୋଇପଡ଼ିଛନ୍ତି। କିଛି ଦିନ ପୂର୍ବେ ହାତୀ ମାଲନସୁଗାର ଜଣକ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି କରିଥଲେ। ଘରେ ଶୋଇଥିବା ୧୦ ଜଣ ଜୀବନ ବିକଳରେ ନିକଟସ୍ଥ ବିଶ୍ରାମାଗାର ଛାତକୁ ଯାଇ ଜୀବନ ରକ୍ଷା କରିଥିଲେ। ଏବେ ପୁଣି ଥରେ ଏହି ଅଞ୍ଚଳରେ ହାତୀ ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗ ତରଫରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। କିଛି କ୍ଷୟକ୍ଷତି ନହେବା ପାଇଁ ସଚେତନ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଆଜି ଖୋଲିବ ସ୍କୁଲ; ସ୍ୱଚ୍ଛତା ଉପରେ ଗୁରୁତ୍ୱ



ଜି.ଉଦୟଗିରି, ୧୯।୬(ସମିସ): ରାତି ପାହିଲେ ଖୋଲିବ ସ୍କୁଲ। ଏଥି ପାଇଁ ଚାଲିଛି ଜୋରଦାର ସଫେଇ। ସ୍ୱଚ୍ଛତା ଉପରେ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ଦୁଇ ଦିନ ହେଲା ଜି. ଉଦୟଗିରି ବ୍ଲକର ସମସ୍ତ ସ୍କୁଲରେ ସଫେଇ କାମ ଚାଲିଛି। କ୍ଲାସ ରୁମ ସହିତ ପିଲାଙ୍କ ବେଞ୍ଚ, ଡେସ୍କ, ମଧ୍ୟାହ୍ନଭୋଜନ ରୋଷେଇ ଘର, ରୋଷେଇ ସାମଗ୍ରୀ, ଶୌଚାଳୟ, ପାଣି ଟାଙ୍କି, ବିଦ୍ୟାଳୟ ପରିସର ସଫେଇ କରାଯାଇଛି। ବ୍ଲକର ସମସ୍ତ ସ୍କୁଲରେ ସଫେଇ କାମ ସରିଥିବା ବେଳେ ଜି. ଉଦୟଗିରି ହାତୀଶାଳ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେଇଙ୍କ ତତ୍ତ୍ୱାବଧାନରେ ସଫେଇ କାମ ହୋଇଥିଲା।

## ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ପାଳନ

ପାରଳାଖେମୁଣ୍ଡି, ୧୯।୬(ସମିସ): ଗଜପତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୫୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ବହୁ



କଂଗ୍ରେସ ନେତା, ଯୁବନେତା ଓ କର୍ମୀ ଯୋଗଦେଇ କେକ୍ କାଟି ଖୁସି ମନାଇଥିଲେ। କଂଗ୍ରେସକୁ ଅଧିକ ମଜଭୁତ କରି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ ସରକାର ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା ଈଶ୍ୱର ଚନ୍ଦ୍ର ମାଝୀ, ଅଭିମନ୍ୟୁ ପଣ୍ଡା, ଜସ୍ମିନ ଶେଖ୍, ସଞ୍ଜୟ ଅଧିକାରୀ, ସଂଗ୍ରାମ ପାତ୍ର, ସରୋଜ କୁମାର ମିଶ୍ର ଓ ଅଶୋକ ଅଧିକାରୀଙ୍କ ସହ ମୋହନା ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ଯୁବ କଂଗ୍ରେସ ତରଫରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

ଭୋଜିରୁ ଫେରିବାବେଳେ ଦୁର୍ଘଟଣା

## ଘାଟିରେ ପିକ୍‌ଅପ୍ ଓଲଟି ୧୫ ଆହତ; ୭ ଗୁରୁତର



ମୋହନା, ୧୯।୬(ସମିସ): ଗଜପତି ଜିଲ୍ଲା ଅଡ଼ବା ଥାନା ଗୁଲୁବା ନିକଟରେ ପିକ୍‌ଅପ ଭ୍ୟାନ ଓଲଟି ୧୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ହଟାଗଣ୍ଡା ଗାଁର ମାମି ପାଟମଳିକ (୧୭), ଅନିତା ମାଝୀ (୧୬), ଅର୍ଚ୍ଚିତା ପାଟମଳିକ (୧୩), ମିନି ମଳିକ( ୩୦), ଝୁଲେନ ପାଟମଳିକ(୧୯), ଶିଖା ଲିମ୍ମା (୧୭), ଗୁଲୁବାର ସାମସଙ୍ଗ ମାଝୀ (୨୦)। ଆହତଙ୍କୁ ସ୍ଥାନୀୟ ସରପଞ୍ଚ ରେଜିନା ପ୍ରଧାନ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବିରିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅଡ଼ବା ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି। ଗୁରୁବାର ହଟାଗଣ୍ଡାରୁ ଏକ ପିକ୍‌ଅପ ଭ୍ୟାନରେ ଏକ ଭୋଜି କାର୍ଯ୍ୟରେ ଯୋଗଦେବାକୁ ବିରିକୋଟ ଗାଁକୁ ଯାଇଥିଲେ କିଛି ଲୋକ। ଭୋଜି ଖାଇ ଅପରାହ୍ନ ପ୍ରାୟ ସାଢେ ୪ ଟାରେ ହଟାଗଣ୍ଡା ଫେରୁଥିବାବେଳେ ଗୁଲୁବା ଶ୍ମଶାନ ନିକଟ ଘାଟିରେ ଭରସାମ୍ୟ ହରାଇ ରାସ୍ତା କଡ଼କୁ ପିକ୍‌ଅପ୍ ଓଲଟି ପଡ଼ିଥିଲା। ଫଳରେ ଭ୍ୟାନ୍‌ରେ ଥିବା ପ୍ରାୟ ୩୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୫ ଜଣ ଆହତ ହୋଇଥିଲେ। ଆହତଙ୍କୁ ଉଦ୍ଧାର କରି ପ୍ରଥମେ ବିରିକୋଟ ଡାକ୍ତରଖାନା ଓ ପରେ ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ୭ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅଡବା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସଚେତନତା ସଭା



ପାରଳାଖେମୁଣ୍ଡି, ୧୯।୬(ସମିସ): ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ ନକରିବାକୁ ନେଇ ସଚେତନତା ସଭା ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ହୋଟେଲ, ଦୋକାନୀ, କାରଖାନା, ଶିଳ୍ପ ଭଳି କୌଣସି ଘରଇ ମାଲିକ ଶିଶୁ ଶ୍ରମିକଙ୍କୁ କୌଣସି କାର୍ଯ୍ୟରେ ଯେପରି ନିୟୋଜିତ ନ କରନ୍ତି ସେ ନେଇ ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ନିକଟରେ ସଚେତନତା କରାଯିବ। ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲ୍ଲଂଘନ କଲେ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଥିଲା। ସଚେତନତା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ଓ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

● ବାଲିଗୁଡ଼ା ମୁଖ୍ୟ ବଜାରରୁ ଚୋରି

## ଆଜବେଷ୍ଟସ୍ ଭାଙ୍ଗି ୪୦ହଜାର ଟଙ୍କା ଲୁଟିନେଲେ

ବାଲିଗୁଡ଼ା, ୧୯।୬(ସମିସ): ବାଲିଗୁଡ଼ା ମୁଖ୍ୟ ବଜାରରେ ବୁଧବାର ବିଳମ୍ବିତ ରାତିରେ ହାଟପଦା ମାର୍କେଟରୁ ଚୋରି ହୋଇଛି। ହାଟପଦା ମାର୍କେଟ କମ୍ପ୍ଲେକ୍ସରେ ଥିବା ନିତ୍ୟାନନ୍ଦ ନାୟକଙ୍କ କଂସାବାସନ ଦୋକାନର ଆଜବେଷ୍ଟସ ଭାଙ୍ଗି କିଛି ଦୁର୍ବୃତ୍ତ ଦୋକାନ ଭିତରେ ପଶି ଡ୍ରରେ ଥିବା ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, କିଛି କଂସାବାସନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ କରିଛନ୍ତି ଦୋକାନ ମାଲିକ। ସୂଚନା ଅନୁସାରେ ଗୁରୁବାର ସକାଳେ ଦୋକାନ ମାଲିକ ନିତ୍ୟାନନ୍ଦ ଦୋକାନ ଖୋଲିବାକୁ ଆସିବା ବେଳେ ବାହାରେ ଥିବା ଗୋଟିଏ ସିସି କ୍ୟାମେରା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଦୋକାନ ଖୋଲି ଦେଖିବା ବେଳେ ଭିତରେ ଥିବା ଆଉ ଏକ ସିସି କ୍ୟାମେରା ଭାଙ୍ଗିବା ସହ ଟଙ୍କା ଡ୍ର ମଧ୍ୟ ନଥିବା ଦେଖିବାକୁ ପାଇଥିଲେ। ଏଥିସହିତ ଦୋକାନ ଭିତରେ ଥିବା ସାମଗ୍ରୀ ଏଣେତେଣେ ପଡ଼ିଥିଲା। ଦୋକାନ ଆଜବେଷ୍ଟସ ଭାଙ୍ଗିଥିବା ଦେଖି ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଦୋକାନର ସିସି କ୍ୟାମେରାରେ ଚୋରି ଦୃଶ୍ୟ କଏଦ ହୋଇଛି। ଚୋରି ବେଳର ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୋଗ ପ୍ରକାରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତ ଧରାପଡ଼ିବେ ବୋଲି ପୁଲିସ ସୂଚନା ଦେଇଛି। ଏଭଳି ଘଟଣା ବାଲିଗୁଡ଼ା ଅଞ୍ଚଳରେ ବାରମ୍ବାର ଘଟୁଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବ୍ୟବସାୟୀ ଦାବି କରିଛନ୍ତି।

## ବର୍ଷେ ସଂଘର୍ଷ ପରେ ମିଳିଲା ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର

ଫିରିଙ୍ଗିଆ, ୧୯।୬(ସମିସ): ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ଲତପଙ୍ଗିଆ ଗାଁର ସୁନିଆମତି ଦିଗାଲ(୨୬)। ଦୀର୍ଘ ବର୍ଷେ ସଂଘର୍ଷ ପରେ ପାଇଛନ୍ତି ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର। ଗତବର୍ଷ ସୁନିଆମତିଙ୍କ ସ୍ୱାମୀ ଗୌତମ ଦିଗାଲ ରାଜସ୍ଥାନର



ହନୁମାନଗଡ଼ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସୁନିଆମତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହ ନିଜର ୨ ପୁଅ ଓ ଗୋଟିଏ ଝିଅଙ୍କୁ ଧରି ବହୁ ଅସୁବିଧାରେ ଚଳୁଥିଲେ। ବଡ଼ ଝିଅର ବୟସ ୬ ବର୍ଷ ହୋଇଥିବାରୁ ପାଠପଢ଼ା ପାଇଁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ ହେଉଥିବାରୁ ପ୍ରାୟ ଦେଢ଼ ବର୍ଷ କାଳ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବିଡ଼ିଓ ଏମିତି କି ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଭାବରେ ଜଣାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ବାହାର ରାଜ୍ୟରେ ହୋଇଥିବାରୁ ପ୍ରମାଣପତ୍ର ମିଳି ପାରୁନଥିଲା। ପାଠ ପଢ଼ିବା ପାଇଁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର ଆବଶ୍ୟକତା ଥିବା ଏବଂ ପ୍ରମାଣ ପତ୍ର ରାଜସ୍ଥାନରୁ ମିଳିବା ବୋଲି କୁହାଯିବା ପରେ ପିଲାଙ୍କ ପାଠ ପଢ଼ାକୁ ନେଇ ଚିନ୍ତାରେ ଥିଲେ ସୁନିଆମତି। ଏସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମୃତ୍ୟୁ ପ୍ରମାଣପତ୍ର ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପାଇ ଖୁସି ବ୍ୟକ୍ତ କରିଛନ୍ତି ସୁନିଆମତି।

## ରକ୍ତଦାତା ସଂଘ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



ପାରଳାଖେମୁଣ୍ଡି, ୧୯।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ରକ୍ତଦାତା ସଂଘର ୮ମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏମ୍.ଏମ୍. ଅଲ୍ଲୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ରକ୍ତ ଭଣ୍ଡାରର ଟେକ୍ନିସିଆନ ଖଗେଶ୍ୱର ବେହେରା ଏବଂ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଗଜପତି ରକ୍ତଦାତା ସଂଘ ସଭାପତି ଜି. ନବୀନ, ଉପସଭାପତି ଏସ୍. ଋଷି ପରିଚାଳନା କରିଥିବା ବେଳେ କ୍ରାନ୍ତି ବେହେରା, ଜଗନ ମୋହନ ସାହୁ, କେ. ଶରତ, ସୁଲତା ପାଣ୍ଡବ, ମମତା ପାଢ଼ୀ, ମୋହୀନି ପ୍ରଧାନ ଓ ନିହାର ପଣ୍ଡା ଉପସ୍ଥିତ ଥିଲେ।

ଆବାସ ଯୋଜନାରୁ ବଞ୍ଚିତ ମନ୍ଧ ଦିଗାଲ

# ଭଙ୍ଗା କୁଡ଼ିଆରେ ୫ ପ୍ରାଣୀ କୁଟୁମ୍ବ





ଫିରିଙ୍ଗିଆ, ୧୯।୬(ସମିସ)

ଗରିବ ଅସହାୟଙ୍କୁ ରହିବା ପାଇଁ ସରକାର ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି। ହେଲେ ବହୁ ଯୋଗ୍ୟ ହିତାଧିକାରୀ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇଁ ଧାଇଁ ଧାଇଁ ନୟାନ୍ତ ହେଲେ ମଧ୍ୟ ମିଳି ପାରୁନାହିଁ। ମାତ୍ର ବହୁ ଅଯୋଗ୍ୟ ହିତାଧିକାରୀ କଳେବଳେ କୌଶଳେ ଆବାସ ଗୃହ ହାତେଇ ନେଇଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ବର୍ଷ ବର୍ଷ ଧରି ଭଙ୍ଗା ଦଦରା କୁଡ଼ିଆ କିମ୍ବା ଜରିପାଲ ତଳେ ଜୀବନ ବିତାଉଛନ୍ତି।

ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତରେ। ବାଲନ୍ଦାପଡ଼ା ପଞ୍ଚାୟତ ବାଡପାଙ୍ଗା ନିକଟ ଘିଉଗାଡି ଗାଁ ମନ୍ଧ ଦିଗାଲ ମା, ସ୍ତ୍ରୀ ଏବଂ ପିଲା ଛୁଆ ମୋଟ ୫ ଜଣଙ୍କୁ ନେଇ ଭଙ୍ଗା ଦଦରା ଜରିପାଲ ତଳେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରୁନାହିଁ। ମାଟି କାନ୍ଥ ଭାଙ୍ଗି ରୁଜି ଗଲାଣି। ଯେତିକି ରୋଜଗାର କରୁଛନ୍ତି ତାହା ପରିବାର ପ୍ରତିପୋଷଣ ପାଇଁ ନିଅଣ୍ଟ ହେଉଛି। ଘର ଖଣ୍ଡିଏ ପାଇଁ ଦୀର୍ଘ ବର୍ଷ ହେବ ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ଏମିତି କି ଅଭିଯୋଗ ଶୁଣାଣିରେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ମନ୍ଧ କହିଛନ୍ତି। ପରିବାରର ସମସ୍ତଙ୍କୁ ରାସନ କାର୍ଡରେ ଚାଉଳ ମିଳୁ ନ ଥିବା ବେଳେ ଚଳିବା ପାଇଁ କଷ୍ଟ ହେଉଛି। ବହୁ ଥିଲା ବାଲା ଏହି ଯୋଜନାରେ ଘର ହାତେଇ ଥିବା ବେଳେ ପ୍ରକୃତ ହିତାଧିକାରୀ ହୋଇ ମଧ୍ୟ ବାସଗୃହ ଖଣ୍ଡେ ମିଳିପାରୁ ନଥିବାରୁ ସେ ନିରାଶ ହୋଇଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ହୃଦୟଙ୍ଗମ କରି ଆବାସ ଯୋଜନାରେ ମନ୍ଧଙ୍କୁ ସାମିଲ କରି ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘର ମିଳିଲେ ପରିବାରକୁ ନେଇ ଅନ୍ତତଃ ଖରା ଓ ବର୍ଷା ଦାଉରୁ ପରିବାର ସୁରକ୍ଷିତ ରହିବେ ବୋଲି ମନ୍ଧ ଦିଗାଲ କହିଛନ୍ତି।

● ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ୨ୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

## ପରିମଳ ବ୍ୟବସ୍ଥା ଓ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ



ପାରଳାଖେମୁଣ୍ଡି, ୧୯।୬(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ରଥଯାତ୍ରା ପାଇଁ ୨ୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ହୋଇଥିଲା। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ରଥଯାତ୍ରା କମିଟିର ଅଧ୍ୟକ୍ଷ ଅନୁପ ପଣ୍ଡା ମଞ୍ଚାସୀନ ଥିବା ବେଳେ ରଥଯାତ୍ରା ପାଇଁ ହୋଇଥିବା ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରା ସମୟରେ ଟ୍ରାଫିକ୍ ବ୍ୟବସ୍ଥା, ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ରଖିବା ପାଇଁ ପୁଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ନେଇ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ବିସ୍ତୃତ ଭାବେ କହିଥିଲେ। ଯାତ୍ରା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ନିଜ ନିଜ ଗାଡି ଗୁଡିକ ଗଜପତି ଷ୍ଟାଡିୟମ ନିକଟରେ ଥିବା ପଡ଼ିଆରେ ରଖିବେ। ଯଦି ଏଣେତେଣେ ପାର୍କିଂ କରିବେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଯାତ୍ରା ଆରମ୍ଭ ଦିନରୁ ଗାଡି ଗୁଡିକ ପୁରୁଣା ଫାୟାର ଷ୍ଟେସନ ଛକ ଠାରୁ ମେଡିକାଲ ଛକ, ସିନେମା ହଲ, ରାଜନହର, ପୁରୁଣା କୋର୍ଟ ଛକ ଦେଇ ଗାଡି ଚଳାଚଳ କରିବ। ଯାତ୍ରା ଏବଂ ବାହୁଡା ଦିନ ସହରର ସମସ୍ତ ମଦ ଦୋକାନ ବନ୍ଦ ରହିବ। ଯାତ୍ରା ଅଞ୍ଚଳରେ ସିସିଟିଭି ଲଗାଯିବା ସହ ଯାତ୍ରାର ସମୟ ସାରଣୀ ରାତି ୧୧ଟା ସୁଦ୍ଧା ସମାପନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ତିନିରଥ କାମ ସମ୍ପୂର୍ଣ୍ଣ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମତାମତ ରଖିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍



ପୁରୁଷୋତ୍ତମପୁର,୧୯ ।୬(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହେଇଥିଲା । କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ତହସିଲଦାର ବିନୋଦ କୁମାର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାହ୍ନୁଚରଣ ସୋରେନ, ସରପଞ୍ଚ ଦାଶ ବେହେରା, ସମାଜସେବୀ କାହ୍ନୁ ନାୟକ, ଜଗତ ପଣ୍ଡା, ଓସଡମା ଅବଜର୍ଭର ଅଗ୍ନିଶମ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ୟା ବାତ୍ୟା ସମୟରେ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ଉପସ୍ଥିତ ଲୋକମାନଙ୍କୁ ଅଗ୍ନିଶମ କର୍ମଚାରୀ ବୁଝାଇଥିଲେ । ଅଗ୍ନି ବିପନ୍ନ, ଗର୍ଭବତୀଙ୍କୁ କିଭଳି ସୁରକ୍ଷିତ ଭାବେ ମେଡିକାଲକୁ ନିଆଯିବ ତାହା ରଣକୌଶଳ ଶିଖାଯାଇଥିଲା । ଘଡ଼ଘଡ଼ି ଓ ବିଜୁଳି ପବନ ବର୍ଷା ସମୟରେ ଘରୁ ପଦାକୁ ନ ବାହାରିବା, ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା, ଗାଁରେ ବିପଦ ପଡ଼ିଲେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେବା ଆଦି ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତ ଜନ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ବିଭିନ୍ନ ଲାଇନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

## ଶଙ୍କରାଖୋଲକୁ ନୂତନ ବ୍ଲକ ପାଇଁ ଦାବିପତ୍ର



ଚକାପାଦ,୧୯।୬(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲକୁ ନୂତନ ବ୍ଲକ ଗଠନ କରିବା ପାଇଁ ବାଲିଗୁଡ଼ା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି କ୍ରିୟାନୁଷ୍ଠାନ କମିଟି ସଦସ୍ୟ । ଦାବିପତ୍ର ପ୍ରଦାନ ବେଳେ ସଭାପତି ଚିତ୍ର କହଁର, ଉପସଭାପତି ସର୍ବେଶ୍ୱର କହଁର, ବିଷ୍ଣୁ ଦିଗାଲ, ସମ୍ପାଦକ ଅଶୋକ କହଁର, କୋଷାଧ୍ୟକ୍ଷ ଭାବଗ୍ରାହୀ ପ୍ରଧାନ, ସମିତିସଭ୍ୟ କିରାପ ପ୍ରଧାନ, ମନୋଜ କୁମାର ଗୌଡ଼, ସଦସ୍ୟ ଭଞ୍ଜକିଶୋର ପ୍ରଧାନ, ଛାଟିଆ ବେହେରା, ଗୋବିନ୍ଦ ଅମାତ୍ୟ, ଆକାଶ ବଗର୍ତ୍ତୀ ସୁମନ କହଁର ଉପସ୍ଥିତ ଥିଲେ । ଚକାପାଦରେ ବ୍ଲକ ରହିଥିବାରୁ ପ୍ରାୟ ୪୦ କିମି ଯିବାକୁ ପଡୁଛି । ଏଥିପାଇଁ ବହୁ ଅସୁବିଧାରେ ପଡୁଛନ୍ତି ୭ ପଞ୍ଚାୟତବାସୀ । ତେଣୁ ଘାଟି ତଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ତହସିଲଠୁ ଆରମ୍ଭ କରି କୃଷି, ଶିକ୍ଷା ବିଭାଗ, ଅଗ୍ନିଶମ, ଥାନା, ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇବାକୁ କଷ୍ଟକର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବ୍ରାହ୍ମଣପାଦରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଓ ରୂପଗାର ଆଦର୍ଶ ବିଦ୍ୟାଳୟ ବହୁତ ଦୂର ବାଟ ହେବାସହ ଯିବାକୁ ଅଧିକ ଖର୍ଚ୍ଚ ହେଉଛି । ତେଣୁ ବ୍ରହ୍ମପୁର ଠାରୁ ଫୁଲବାଣୀ ୧୫୭ ଜାତୀୟ ରାଜପଥ ପଡୁଥିବା ଶଙ୍କରାଖୋଲ ମଧ୍ୟ ସ୍ଥଳ ହୋଇଥିବାରୁ ବ୍ଲକ ଗଠନ ହେଲେ ଗମନାଗମନ, ବ୍ୟବସାୟ, ଶିକ୍ଷାର ବିକାଶ ହୋଇପାରିବ ବୋଲି ଆଶା ରଖିଛନ୍ତି ୭ ପଞ୍ଚାୟତ ବାସୀ ।

## ଏଟିଏମ୍ ଅଛି; ଯିବାକୁ ବାଟ ନାହିଁ



ପାରଳାଖେମୁଣ୍ଡି,୧୯ ।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ପୁରୁଣା ଫାୟାରଷ୍ଟେସନ ଛକ ନିକଟରେ ଥିବା ଏକ ଏଟିଏମ୍‌କୁ ଯିବାକୁ ବାଟ ନାହିଁ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଏହି ଏଟିଏମ୍‌ର ଏପରି ଅବସ୍ଥା ଦୀର୍ଘବର୍ଷ ହେଲା ରହିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ହେଉନଥିବାରୁ ଟଙ୍କା ଉଠାଣ ପାଇଁ ଗ୍ରାହକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଏଟିଏମ୍‌କୁ ଯିବାକୁ ହେଲେ ପାଶ୍ୱର୍ରେ ଥିବା ଏକ ମଦ ବାର୍‌ର ପିଣ୍ଡା କିମ୍ବା ଅପରପକ୍ଷରେ ଥିବା ଏକ କିରାଣା ଦୋକାନର ପିଣ୍ଡା ଦେଇ ଯିବାକୁ ପଡୁଛି । ଏଟିଏମ୍‌ର ସମ୍ମୁଖ ଭାଗରେ ଥିବା ବାରଣ୍ଡାକୁ କୌଣସି କାରଣରୁ ଦୀର୍ଘବର୍ଷ ହେଲା ଭାଙ୍ଗି ଦିଆଯାଇଛି । ସେହିଦିନ ଠାରୁ ଏଟିଏମ୍‌କୁ ଯିବାକୁ ସିଧା ରାସ୍ତାଟିଏ ନାହିଁ। ଫଳରେ ବୟସ୍କ ଓ ମହିଳା ଏଟିଏମ୍‌କୁ ଯାଇପାରୁ ନାହାନ୍ତି । ପୁରୁଣା ଫାୟାରଷ୍ଟେସନ ଛକ ନିକଟରେ ଏହା ଏକମାତ୍ର ଏଟିଏମ୍ । ଏହାସହ ଏହି ଛକ ଯିବା ଆସିବା ପାଇଁ ଏକ ପ୍ରମୁଖ ଛକ ହୋଇଥିବାରୁ ଲୋକେ ଏଟିଏମ୍ ଉପରେ ଅଧିକ ନିର୍ଭର କରିଥାନ୍ତି । ହେଲେ ଏପରି ଅବସ୍ଥା ଦେଖି ଏଠାରୁ ଦୂରରେ ଥିବା ଏଟିଏମ୍ ଗୁଡିକୁକୁ ଲୋକେ ଟଙ୍କା ଉଠାଣ ପାଇଁ ଯିବାକୁ ବାଧ ହେଉଛନ୍ତି ।

## ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ଆକ୍ରମଣ; ଜଣେ ଗିରଫ

ଧରାକୋଟ,୧୯ ।୬(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୯ ପାଶ୍ୱର୍ରେ ତାଳପାଟଣା ଗ୍ରାମରେ ଥିବା ମୁକ୍ତେଶ୍ୱର ପେଟ୍ରୋଲ ପମ୍ପ ମ୍ୟାନେଜର ଜିତେନ୍ଦ୍ର ଗୌଡ଼ଙ୍କୁ ଆକ୍ରମଣ ଘଟଣାରେ ପୁଲିସ ସେହି ଗ୍ରାମର ଶିବାଜି ରାୟସାମନ୍ତ(୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏତଲାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ମଙ୍ଗଳବାର ଦିନ ଅପରାହ୍ନ ୪ଟାରେ ଜିତେନ୍ଦ୍ର ପେଟ୍ରୋଲ ପମ୍ପ ନିକଟରେ ଥିବା ବେଳେ ପୂର୍ବରୁ ପେଟ୍ରୋଲ ପକାଇବାକୁ ନେଇ ରହିଥିବା ଶତ୍ରୁତାରୁ ଅଭିଯୁକ୍ତ ଶିବାଜି ହଠାତ ସେଠାରେ ପହଞ୍ଚି ମ୍ୟାନେଜର ଜିତେନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲା । ଜିତେନ୍ଦ୍ରଙ୍କୁ କର୍ମଚାରୀମାନେ ଶିବାଜି କବଳରୁ ଉଦ୍ଧାର କରି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଘଟଣା ସମ୍ପର୍କରେ ଜିତେନ୍ଦ୍ର ଧରାକୋଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଶିବାଜିକୁ ଗିରଫ କରି କୋର୍ଟଚାଲାଣ କରିଛି । ପ୍ରକାଶ ଯୋଗ୍ୟ ଶିବାଜି ମ୍ୟାନେଜର ଜିତେନ୍ଦ୍ରଙ୍କ ଏତଲା ନଦେବା ପାଇଁ ମଧ୍ୟ ଧମକ ଦେଇଥିଲା ।

## ଗଞ୍ଜେଇ ଜବତ; ୨ ଗିରଫ

ଛତ୍ରପୁର,୧୯ ।୬(ସମିସ): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଆଦେଶ କ୍ରମେ ଓ ଗଞ୍ଜାମ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଛତ୍ରପୁର ରେଞ୍ଜ ବାଳକ ବିଶି ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଓଆଇସି ତେଜସ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ଖଲ୍ଲିକୋଟର ରାଜ୍ୟ ରାଜପଥ-୩୦ ରାସ୍ତାରେ ଓ କଞ୍ଚଣା ଛକରେ ପୃଥକ ପୃଥକ ଭାବେ ବେଆଇନ ଗଞ୍ଜେଇଚାଲାଣ ବେଳେ ଚଢ଼ଉ କରାଯାଇଛି । ଦୁଇଟି ସ୍ଥାନରେ ୧୪ କିଗ୍ରା ଗଞ୍ଜେଇ ଓ ଏକ ସ୍କୁଟି ଜବତ କରାଯାଇଛି । ଏହା ସହିତ ଦୁଇଟି ମାମଲା ରୁଜୁ କରାଯାଇଛି । ଏଥିରେ ସମ୍ପୃକ୍ତ ବେଗୁନିଆପଡାର ନାରାୟଣ ସାହୁ ଓ କୋଦଳାର ମୁନା ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ଉରେ ଛତ୍ରପୁର ଅବକାରୀ ଉପ ନିରୀକ୍ଷକ ଅଙ୍କିତା ମହାଙ୍କୁଡ, ଅବକାରୀ ସିପାହୀ ଏସ. ପରଶୁରାମ ରେଡ୍ଡୀ, ଅନନ୍ତ କନହର, ଅଞ୍ଜନ ଦାସ, ଟୁଟୁ ସାମଲ, ମନୋଜ କୁମାର ଲେଙ୍କା, ହରିହର ଦାସ ସାମିଲ ଥିଲେ ।

**ଗଞ୍ଜାମରେ ଏମିତି ଚାଲିଛି ଭାରତୀୟ ଡାକ ସେବା**

# ବର୍ଷେହେଲା ଜିଲ୍ଲାର ସମସ୍ତ ପୋଷ୍ଟାଲ ଏଟିଏମ୍ ଅଚଳ

ବ୍ରହ୍ମପୁର,୧୯।୬(ସମିସ)

ଭାରତୀୟ ଡାକ ସେବା ଉପରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବହୁ ଗ୍ରାହକ ନିର୍ଭର କରିଥାନ୍ତି । ବିଭାଗ ପକ୍ଷରୁ ଗ୍ରାହକଙ୍କ ନିମନ୍ତେ ନୂଆ ନୂଆ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ସେହି କ୍ରମରେ କିଛିବର୍ଷ ପୂର୍ବେ ଗ୍ରାହକଙ୍କ ସୁବିଧା ନିମନ୍ତେ ଭାରତୀୟ ଡାକ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୪ଟି ଏଟିଏମ ସ୍ଥାପନ କରାଯାଇଥିଲା । ବିଭାଗର ଏଭଳି ଉନ୍ନତଧରଣର ସେବା ନିମନ୍ତେ ଗ୍ରାହକ ଖୁସି ବ୍ୟକ୍ତ କରିଥିଲେ । ଏବଂ ଏଟିଏମ ସେବାକୁ ନିୟମିତ ବ୍ୟବହାର କରି ଟଙ୍କା ଉଠାଣ ମଧ୍ୟ କରୁଥିଲେ । କିନ୍ତୁ କିଛି ମାସ ପରେ ବିଭାଗ ପକ୍ଷରୁ ସ୍ଥାପିତ ସମସ୍ତ ୪ଟି ଯାକ ଏଟିଏମ ଅଚଳ ହୋଇ ଆଉ ଗ୍ରାହକଙ୍କ ବ୍ୟବହାରରେ ଆସିଲାନାହିଁ । ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ଅଚଳ ଏଟିଏମକୁ ତୁରନ୍ତ ମରାମତି ପାଇଁ ଦାବି କରିଥିଲେ । କିନ୍ତୁ ଦୀର୍ଘ ଏକବର୍ଷ ପରେ ମଧ୍ୟ ସେଗୁଡିକର ମରାମତି ହୋଇପାରି ନଥିବା ଦେଖିବାକୁ ମିଳିଛି ।

**ଟଙ୍କା ଉଠାଣ ପାଇଁ ବିଭିନ୍ନ ଡାକଘରେ ଲାଗୁଛି ଲମ୍ବା ଧାଡ଼ି**




ଗଞ୍ଜାମ ଜିଲ୍ଲାରେ ଭାରତୀୟ ଡାକ ବିଭାଗର ପ୍ରାୟ ଦେଢ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି । ସେଥି ମଧ୍ୟରୁ ବ୍ରହ୍ମପୁର ସ୍ଥିତ ମୁଖ୍ୟ ଡାକ କାର୍ଯ୍ୟାଳୟରେ ପ୍ରାୟ ୧୮ ହଜାରରୁ ଅଧିକ ଗ୍ରାହକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩ହଜାର ଗ୍ରାହକଙ୍କ ନିକଟରେ ଡାକ ବିଭାଗ ଦ୍ୱାରା ପ୍ରଦତ୍ତ ଏଟିଏମ କାଡର୍ ରହିଛି । ସେହିଭଳି ବ୍ରହ୍ମପୁର ସହରର ୨୭ଟି ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୪୮ଟି ଉପଡାକ ଘର ଅଧିନରେ ଲକ୍ଷାଧିକ ଗ୍ରାହକ ରହିଛନ୍ତି । ସେମାନଙ୍କ ନିକଟରେ ପ୍ରାୟ ୧୦ହଜାରରୁ ଅଧିକ ଏଟିଏମ କାର୍ଡ ରହିଛି । ଏହି କାଡର୍ ଦ୍ୱାରା ଗ୍ରାହକମାନେ ପୋଷ୍ଟ ଅଫିସ ନଯାଇ ଡାକ ବିଭାଗର ଏଟିଏମରୁ ଟଙ୍କା ଉଠାଣ କରିବାର ସୁବିଧା ରହିଛି । ଏହାକୁ ଦୃଷ୍ଟିରେ ରଖି ଡାକ ବିଭାଗ ପକ୍ଷରୁ ଜିଲ୍ଲାରର ବ୍ରହ୍ମପୁର, ଛତ୍ରପୁର, ଆସିକା ଓ ଭଞ୍ଜନଗର ଭଳି ପ୍ରମୁଖ ସହର ଗୁଡିକରେ ଗୋଟିଏ ଲେଖାଏଁ ଏଟିଏମ ମେସିନ ସ୍ଥାପନ କରାଯାଇଥିଲା । ଫଳରେ ଏହି ମେସିନ ସାହାଯ୍ୟରେ ଗ୍ରାହକମାନେ ସୁବିଧାରେ ଟଙ୍କା ଉଠାଣ କରୁଥିଲେ । ଜିଲ୍ଲାର ସମସ୍ତ ୪ଟି ଏଟିଏମ ମେସିନର ପରିଚାଳନା ଓ ରକ୍ଷଣାବେକ୍ଷଣା ନିମନ୍ତେ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଏହି ସଂସ୍ଥାର ଅବଧି ଶେଷ ହେବା ପରେ ବିଭାଗ ପକ୍ଷରୁ କୌଣସି କାରଣରୁ ଅନ୍ୟ କୌଣସି ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇନାହିଁ । ଯଦ୍ୱାରା ଦୀର୍ଘ ଏକବର୍ଷ ଧରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ୪ଟି ଏଟିଏମ ମେସିନ ଅଚଳ ହୋଇ ପଡ଼ିଛି । ଫଳରେ ଟଙ୍କା ଉଠାଣ ନିମନ୍ତେ ଗ୍ରାହକମାନେ ନିକଟସ୍ଥ ପୋଷ୍ଟ ଅଫିସକୁ ଯିବାକୁ ବାଧ ହେବା ସହ ଘଣ୍ଟାଘଣ୍ଟା ଲମ୍ବା ଧାଡିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ପ୍ରତିଦିନ ହଜାର ହଜାର ଗ୍ରାହକ ଉନ୍ନତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଅଚଳ ଏଟିଏମ ମେସିନ ଗୁଡିକ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ଏବଂ ପୂର୍ବଭଳି ଗ୍ରାହକମାନେ ଏହି ସୁବିଧା ପାଇପାରିବେ ବୋଲି ବ୍ରହ୍ମପୁର ମୁଖ୍ୟ ଡ଼ାକ କାର୍ଯ୍ୟାଳୟର ପୋଷ୍ଟମାଷ୍ଟର କାହ୍ନୁ ଚରଣ ସାହୁ କହିଛନ୍ତି ।

## ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ନୂତନ କର୍ମକର୍ତ୍ତା ଚୟନ



ବ୍ରହ୍ମପୁର,୧୯।୬(ସମିସ)

ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଏକ ଆଲୋଚନା ସଭା ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ସଭାପତି ଇ. ଦିଲେସୁ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବ ପ୍ରତିଷ୍ଠାତ୍ରୀ ତଥା କୋଷାଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ସମ୍ପାଦକ ରୂପେଶ କୁମାର ମିଶ୍ର ଯୋଗଦାନ କରି ସଭା ଉଦ୍‌ଘାଟନ କରିଥିଲେ । ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ଦିନରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ପ୍ରତିଯୋଗିତା କରି ପୁରସ୍କୃତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ସର୍ବସମ୍ମତି କ୍ରମେ ଆଗାମୀ ଏକ ବର୍ଷ ପାଇଁ ସଭାପତି ଭାବରେ ସହକାରୀ ପ୍ରଫେସର ଲାୟନ୍ସ ଲୋକନାଥ ପାତ୍ର, କୋଷାଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ର ଏବଂ ସମ୍ପାଦକ ଭାବରେ ଲାୟନ୍ସ ଦିନବନ୍ଧୁ ଗୌଡଙ୍କୁ ନିର୍ବାଚିତ କରାଯାଇ ଶପଥ ପାଠ କରାଯାଇଥିଲା । ନୂତନ ସଭାପତି ଲାୟନ୍ସ ପାତ୍ର ଆଗାମୀ ଦିନରେ କମିଟି ଗଠନ କରିବାକୁ କହିଥିଲେ । ପରେ ନୁତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଆଲୋଚନା ସଭାରେ ଲାୟନ୍ସ ଅମର କୁମାର ପାତ୍ର ଏବଂ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ପରିଚାଳନା କରିଥିବା ବେଳେ ରୁପେଶ କୁମାର ମିଶ୍ର ସମ୍ପାଦକୀୟ ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଚାରାରୋପଣ ଓ ଆଲୋକୀକରଣ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୯ ।୬(ସମିସ): କବିସୂର୍ଯ୍ୟନଗର ଏନ୍‌ଏସି କାଳିଆଲୁଣ୍ଡା ପାର୍କ ପରିସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ବୃକ୍ଷରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, କବିସୂର୍ଯ୍ୟନଗର ମଣ୍ଡଳ ସଭାପତି ଅଶୋକ କୁମାର ଜେନା ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ସେହିପରି କବିସୂର୍ଯ୍ୟନଗର ଏନ୍‌ଏସି ଦୀର୍ଘ ଦିନ ଧରି ଅନ୍ଧାରରେ ଥିବା ବେଳେ ବିଧାୟକଙ୍କ ଦ୍ୱାରା ଅଲୋକୀକରଣ



କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ହନୁମାନ ମନ୍ଦିରଠାରେ ଆଲୋକୀକରଣ ପାଇଁ ଶୁଭାରମ୍ଭ କରିଥିବା ବେଳେ ସହରରେ ଏକ ହଜାର ଲାଇଟ ଲାଗିବା ନେଇ ପ୍ରତିକ୍ରିୟା ରଖିଛନ୍ତି ବିଧାୟକ ଶ୍ରୀ ନାୟକ । ସେହିପରି ସହର ଅନ୍ଧାର ରହିବା ଅଧ୍ୟକ୍ଷ ସ୍ୱୀକାର କରିବା ସହ ୧୫ଦିନ ଭିତରେ ପୁରା ସହର ଆଲୋକିତ ହେବ ବୋଲି କହିଛନ୍ତି । ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ ସାହୁ ୨୦୨୩ ମସିହାରେ ଆଲୋକୀକରଣ ପାଇଁ ଟେଣ୍ଡର ପାଇଥିବା ସଂସ୍ଥା କାମ କରିବାରେ ବିଳମ୍ବ ହୋଇଥିବା କହିଥିଲେ ।

● ବିକାଶ ମେଳାର ଅଷ୍ଟମ ଦିନ

## ବିଭିନ୍ନ ସହାୟତା ରାଶି ଓ ଆବାସ କାର୍ଯ୍ୟାଦେଶ ବଣ୍ଟନ

ଫୁଲବାଣୀ,୧୯।୬(ସମିସ): ସ୍ଥାନୀୟ କରୋନେସନ୍ ପଡ଼ିଆରେ ଚାଲିଥିବା ବିକାଶ ମେଳାର ଅଷ୍ଟମ ଦିବସରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସରକାର ୨୧ ଟି ନିର୍ବାଚନ ପ୍ରତିଶ୍ରୁତି ମଧ୍ୟରୁ ୧୧ ପ୍ରଥମ ବର୍ଷରେ ହିଁ ପୂରଣ କରିଛନ୍ତି ବୋଲି କହିଛନ୍ତି । ଆଜିର କାର୍ଯକ୍ରମରେ ମିଶନ ଶକ୍ତି ବିଭାଗ ତରଫରୁ ୪ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି, ଶ୍ରମ ବିଭାଗ ତରଫରୁ ୭ ଜଣଙ୍କୁ ଆର୍ଥିକ ସହାୟତା ରାଶି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ପି.ଏମ୍-ଆବାସ(ସହର)ରେ ପୌରପରିଷଦର ୯ ଜଣ ଓ ଫୁଲବାଣୀ ବ୍ଲକର ୮ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ସହିତ ଅନ୍ୟମାନଙ୍କୁ ଆଇଏଫ୍‌ଆର୍ ଏବଂ ସିଏଫ୍‌ଆର୍ ପଟ୍ଟା ବଣ୍ଟନ କରାଯାଇଥିଲା । ଭିଜନ୍ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଉପରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇଥିଲେ । ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାଲିଗୁଡା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମନରେଗା ଆସିଷ୍ଟାଣ୍ଟ ଓ ଆସିଷ୍ଟାଣ୍ଟ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ଧାରଣା



ଫୁଲବାଣୀ,୧୯।୬(ସମିସ): ଜିଲ୍ଲା ଜଳ ବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମଘଟରେ ବସିଛନ୍ତି ୨୩ ଜଣ ମନରେଗା ଆସିଷ୍ଟାଣ୍ଟ ଓ ଆସିଷ୍ଟାଣ୍ଟ କମ୍ପ୍ୟୁଟର ପ୍ରୋଗ୍ରାମର । ସେମାନେ ସମସ୍ତେ ଆଉଟସୋର୍ସିଂ କର୍ମଚାରୀ ହିସାବରେ କାର୍ଯ୍ୟ କରି ଆସୁଥିଲେ । କିନ୍ତୁ ଅବଧି ନ ସରୁଣୁ ଏହି କର୍ମଚାରୀଙ୍କୁ ବିନା ସୂଚନାରେ ଚାକିରିରୁ ଛଟେଇ କରିଦିଆଯାଇଥିବା ଅଭିଯୋଗ ହୋଇଛି । ଚାକିରି ହରାଇ କର୍ମଚାରୀ ନାହିଁନଥିବା ହଇରାଣ ହେଉଥିବା ବେଳେ ପୁନଃ ନିଯୁକ୍ତି ପାଇଁ ବରମ୍ବାର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଫଳ ନ ହେବାରୁ ଶେଷରେ ଧର୍ମଘଟକୁ ଓହ୍ଲାଇଥିବା କହିଛନ୍ତି କର୍ମଚାରୀ । ଆସନ୍ତା ୨୨ ତାରିଖ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପୁନଃ ନିଯୁକ୍ତି ପ୍ରଦାନ କରା ନଗଲେ ୨୩ ତାରିଖଠାରୁ ଆମରଣ ଅନଶନ ଆରମ୍ଭ କରିବେ ବୋଲି ଆଉଟସୋର୍ସିଂ କର୍ମଚାରୀ ସଂଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ମନରେଗା ଆସିଷ୍ଟାଣ୍ଟ ମାନସ ରଞ୍ଜନ ଦିଗାଲ ଚେତାବନୀ ଦେଇଛନ୍ତି ।

## ପାଲେଷ୍ଟାଇନ ସଂହତି ଦିବସ ପାଳିତ

ଭଞ୍ଜନଗର,୧୯ ।୬(ସମିସ): ପାଲେଷ୍ଟାଇନ ସଂହତି ଦିବସ ପାଳନ ଅବସରରେ ପ୍ରଗତିଶୀଳ ଗଣତାନ୍ତ୍ରିକ ସାମ୍ମୁଖ୍ୟ ତରଫରୁ "ଯୁଦ୍ଧ ନୁହେଁ ମୁକ୍ତ ପାଲେଷ୍ଟାଇନ' ପ୍ରସଙ୍ଗ ଭିତ୍ତିକ ଏକ ଆଲୋଚନାଚକ୍ର ସାମ୍ମୁଖ୍ୟର ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଭଞ୍ଜନଗର ବାର୍ ଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସମ୍ମାନିତ ଅତିଥି ରୂପେ କବି ପ୍ରଶାନ୍ତ ମହାନ୍ତି ମଞ୍ଚାସିନ ଥିଲେ । ସଭାପତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆମେରିକାର ସହଯୋଗରେ ଇସ୍ରାଇଲ ଏକ ପାଖିଆ ଭାବେ ଯୁଦ୍ଧ କରି ପ୍ରାୟ ୬୦ ହଜାର ଲୋକଙ୍କୁ ହତ୍ୟା କରିଛି । ତେଣୁ ଏହି ଯୁଦ୍ଧକୁ ତୁରନ୍ତ ବନ୍ଦ କରାଯାଉ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି କବି ପ୍ରଶାନ୍ତ ମହାନ୍ତି, ଏସ.ଏନ. ପ୍ରଧାନ, କୁର୍ମିକ୍ଷତ୍ରୀୟ ସଂସ୍ଥାର ସମ୍ପାଦକ ବୈଦ୍ୟ ପ୍ରଧାନ ଓ ନଗର କଂଗ୍ରେସ, ଭଞ୍ଜନଗର ସଭାପତି ସୁକାନ୍ତ ଦିଗାଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଦିବାକର ଲେଙ୍କା, ପ୍ରସନ୍ନ ତ୍ରିପାଠୀ, ବିକ୍ରମ ବିଷୋୟୀ, ତାରିଣୀ ନାୟକ, କୃଷ୍ଣ ବାଡ଼ତ୍ୟା ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ । ନିଖିଳ ଉତ୍କଳ ଖଡୁରା ସମାଜର ସମ୍ପାଦକ ସୁରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସମୁଦ୍ର କୂଳ ଲଙ୍ଘିବା ଘଟଣା

## ଆର୍ଯ୍ୟପଲ୍ଲୀବାସୀଙ୍କ ସହ ଆଲୋଚନା କଲେ ଉପଜିଲ୍ଲାପାଳ

ଛତ୍ରପୁର,୧୯ ।୬(ସମିସ): ପାଣିପାଗ ପରିବର୍ତ୍ତନ ଯୋଗୁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି । ଗାଁ ଠାରୁ ୩୦ ମିଟର ଦୂରରେ ଆସି ପହଞ୍ଚିଗଲାଣି । ଗୋଟେ ପଟେ ମତ୍ସ୍ୟଜୀବୀମାନେ ନିଜ ପେଟପାଟଣା ନିମନ୍ତେ ଚିନ୍ତାରେ ପଡ଼ିଥିବାବେଳେ ଅନ୍ୟପଟେ ଗାଁ ଲୀନ ହେବାର ଆଶଙ୍କା ନେଇ ଭୟଭୀତ ହୋଇପଡ଼ିଛନ୍ତି ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ । ଏହାର ସୁବ୍ୟବସ୍ଥା କରିବା ନିମନ୍ତେ ପଞ୍ଚାୟତବାସୀଙ୍କ ପକ୍ଷରୁ ବୁଧବାର ୫ଦାବି ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହେଲେ ଆସନ୍ତା ୨୪ରୁ ଗୋପାଳପୁର ବନ୍ଦର ମୁଖ୍ୟଦ୍ୱାରା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ । ଗୁରୁବାର ଏହାର ସମାଧାନ ନିମନ୍ତେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପଞ୍ଚାୟତର ଭଦ୍ରବ୍ୟକ୍ତିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଅଶାନ୍ତ ସମୁଦ୍ରର ଢ଼େଉ କୂଳ ନ ଲଙ୍ଘିବା ସକାଶେ ସମୁଦ୍ର ବେଳାଭୂମିରେ ତୁରନ୍ତ ପଥରପ୍ୟାକିଂ କରିବା ଏବଂ ଡ଼ଙ୍ଗା ଗୁଡିକର ଯାତାୟତ ସକାଶେ ଜେଟି ଖନନ ବ୍ୟବସ୍ଥା କରିବା ନିମନ୍ତେ ଆଲୋଚନା ହୋଇଥିଲା । ପ୍ରଥମେ ପଥର ବନ୍ଧ କାମ ଆରମ୍ଭ ହେବ ଏବଂ ଜେଟି ଖନନ ନିମନ୍ତେ ପ୍ରଶାସନ ପକ୍ଷରୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । ଆଉ ବଳକା ଦାବି ଗୁଡିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଲୋଚନା ବେଳେ ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଗୋପାଳପୁର ବନ୍ଦରର ଉଚ୍ଚ ପଦସ୍ଥ ଅଧିକାରୀ, ଜଳସେଚନ ବିଭାଗ ଅଧିକାରୀ, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ, ମତ୍ସ୍ୟଜୀବୀ ନେତା ବି. ଭୀମସେନ, ଏନ. ଦିନବନ୍ଧୁ, କେ. ଦାଶରଥୀ, ପି. ରାମବାବୁ, ବଡ଼ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି, ଜି. ପାପା ରାଓ, ଏମ. ଗୁମାଲୀ, ଏସ ଶ୍ୟାମାଙ୍କ ସମେତ ବହୁ ଭଦ୍ର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

**ପ୍ରଥମେ ହେବ ପଥର ବନ୍ଧ ପରେ ଜେଟି ନିର୍ମାଣ**



